रजिस्ट्री सं डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
**EXTRAORDINARY**
ଅସାଧାରଣ

भाग XIII—अनुभाग I
**Part XIII—Section I**
ଭାଗ XIII—ଖଣ୍ଡ I

प्राधिकार से प्रकाशित
**PUBLISHED BY THE AUTHORITY**
ପ୍ରାଧିକାର ଦ୍ୱାରା ପ୍ରକାଶିତ

**No. I NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**

ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋଗେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1950

( 1950ର ଅଧିନିୟମ ସଂ 43 )

**ଲୋକ ସଭା ଓ ରାଜ୍ୟ ବିଧାନମଣ୍ଡଳରେ ଆସନ ଆବଣ୍ଟନ ପାଇଁ ଏବଂ ଲୋକ ସଭା ଓ ରାଜ୍ୟ ବିଧାନମଣ୍ଡଳକୁ ନିର୍ବାଚନ ଉଦ୍ଦେଶ୍ୟରେ ନିର୍ବାଚନମଣ୍ଡଳୀର ପରିସୀମନ ପାଇଁ ଓ ଏପରି ନିର୍ବାଚନରେ ଭୋଟଦାତାମାନଙ୍କ ଯୋଗ୍ୟତା ଓ ନିର୍ବାଚକ ନାମାବଳୀକୁ ପ୍ରସ୍ତୁତ ଏବଂ ସଂଘ ରାଜ୍ୟକ୍ଷେତ୍ରମାନଙ୍କର ପ୍ରତିନିଧିମାନଙ୍କ ଦ୍ୱାରା ରାଜ୍ୟ ସଭାରେ ପୂରଣ ହେବାକୁ ଥିବା ଆସନ ପୂରଣର ରୀତି ଓ ତତ୍ସହିତ ସଂପୃକ୍ତ ବିଷୟଗୁଡ଼ିକ ଲାଗି ଉପବନ୍ଧ କରିବା ନିମିତ୍ତ ଏକ ଅଧିନିୟମ**

[ 17 ମଇ, 1950 ]

ଏହା ସଂସଦ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା:-

## ଭାଗ I

### ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ

1. ଏହି ଅଧିନିୟମ ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1950 ନାମରେ ଅଭିହିତ ହେବ।

ସଂଜ୍ଞା।

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନ ଥିଲେ ଏହି ଅଧିନିୟମରେ,-

(କ) "ଅନୁଚ୍ଛେଦ" ର ଅର୍ଥ ସଂବିଧାନର ଅନୁଚ୍ଛେଦ;

(ଖ) "ବିଧାନସଭା ନିର୍ବାଚନମଣ୍ଡଳୀ" ର ଅର୍ଥ ରାଜ୍ୟ ବିଧାନ ସଭାକୁ ନିର୍ବାଚନ ଉଦ୍ଦେଶ୍ୟରେ ବିଧିଦ୍ୱାରା ଉପବନ୍ଧିତ ହୋଇଥିବା ନିର୍ବାଚନମଣ୍ଡଳୀ;

(ଗ) "ପରିଷଦ ନିର୍ବାଚନମଣ୍ଡଳୀ" ର ଅର୍ଥ ରାଜ୍ୟର ବିଧାନ ପରିଷଦକୁ ନିର୍ବାଚନ ଉଦ୍ଦେଶ୍ୟରେ ଉପବନ୍ଧିତ ହୋଇଥିବା ନିର୍ବାଚନମଣ୍ଡଳୀ;

(ଘ) "ନିର୍ବାଚନ ଆୟୋଗ"ର ଅର୍ଥ ଅନୁଚ୍ଛେଦ 324 ଅନୁଯାୟୀ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ନିର୍ବାଚନ ଆୟୋଗ;

(ଙ) "ଆଦେଶ" ର ଅର୍ଥ ସରକାରୀ ଗେଜେଟରେ ପ୍ରକାଶିତ ଏକ ଆଦେଶ ;

(ଚ) "ସଂସଦୀୟ ନିର୍ବାଚନମଣ୍ଡଳୀ"ର ଅର୍ଥ ଲୋକ ସଭାକୁ ନିର୍ବାଚନ ଉଦ୍ଦେଶ୍ୟରେ ବିଧିଦ୍ୱାରା ଉପବନ୍ଧିତ ହୋଇଥିବା ଏକ ନିର୍ବାଚନମଣ୍ଡଳୀ ;

(ଛ) ବ୍ୟକ୍ତିମାନଙ୍କର ଏକ ନିକାୟ "ବ୍ୟକ୍ତି"ର ଅନ୍ତର୍ଗତ ନୁହେଁ ;

(ଜ) "ବିହିତ"ର ଅର୍ଥ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତ ;

(ଝ) ସଂଘ ରାଜ୍ୟକ୍ଷେତ୍ର "ରାଜ୍ୟ"ର ଅନ୍ତର୍ଗତ ଅଟେ ;

(ଞ) କୌଣସି ସଂଘ ରାଜ୍ୟକ୍ଷେତ୍ର ସଂପର୍କରେ "ରାଜ୍ୟ ସରକାର" ର ଅର୍ଥ ତାହାର ପ୍ରଶାସକ ।

## ଭାଗ II

### ଆସନର ଆବଣ୍ଟନ ଓ ନିର୍ବାଚନମଣ୍ଡଳୀର ପରିସୀମନ

#### ଲୋକ ସଭା

ଲୋକ ସଭାରେ ଆସନର ଆବଣ୍ଟନ ।

3. ଲୋକ ସଭାରେ ରାଜ୍ୟକୁ ଆସନର ଆବଣ୍ଟନ ଓ ପ୍ରତି ରାଜ୍ୟର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ ଯଦି କୌଣସି ଆସନ ଆରକ୍ଷିତ ହେବାକୁ ଥାଏ ସେହି ଆସନର ସଂଖ୍ୟା ପ୍ରଥମ ଅନୁସୂଚୀରେ ଦର୍ଶାଯାଇଥିବାମତେ ହେବ ।

ଲୋକ ସଭାରେ ଓ ସଂସଦୀୟ ନିର୍ବାଚନ-ମଣ୍ଡଳୀରେ ଆସନ ପୂରଣ ।

4. (1) ନିରସିତ ।

(2) ଧାରା 3 ଅନୁଯାୟୀ ରାଜ୍ୟମାନଙ୍କୁ ଆବଣ୍ଟିତ ଲୋକ ସଭାର ସମସ୍ତ ଆସନ ରାଜ୍ୟ ମଧ୍ୟରେ ଥିବା ସଂସଦୀୟ ନିର୍ବାଚନମଣ୍ଡଳୀରୁ ପ୍ରତ୍ୟକ୍ଷ ନିର୍ବାଚନ ଦ୍ୱାରା ମନୋନୀତ ବ୍ୟକ୍ତିମାନଙ୍କ ଦ୍ୱାରା ପୂରଣ ହେବାକୁ ଥିବା ଆସନ ହେବ ।

(3) ଉପଧାରା 2ରେ ସୂଚିତ ପ୍ରତ୍ୟେକ ସଂସଦୀୟ ନିର୍ବାଚନମଣ୍ଡଳୀ ଏକ ସଦସ୍ୟବିଶିଷ୍ଟ ନିର୍ବାଚନମଣ୍ଡଳୀ ହେବ ।

(4) ଧାରା 3 ଅନୁଯାୟୀ ଯେଉଁ ରାଜ୍ୟକୁ କେବଳ ଗୋଟିଏ ଆସନ ଦିଆଯାଇଥାଏ ତାହା ପ୍ରତ୍ୟେକେ ଗୋଟିଏ ସଂସଦୀୟ ନିର୍ବାଚନମଣ୍ଡଳୀ ଗଠନ କରିବ ।

(5) ଉପଧାରା (4)ରେ ଉପବନ୍ଧିତ ହୋଇଥିବା ବ୍ୟତିରେକେ, ଅରୁଣାଞ୍ଚଳ ପ୍ରଦେଶର ସଂଘ ରାଜ୍ୟକ୍ଷେତ୍ରସ୍ଥ ସଂସଦୀୟ ନିର୍ବାଚନମଣ୍ଡଳୀକୁ ଛାଡ଼ି ସମସ୍ତ ସଂସଦୀୟ ନିର୍ବାଚନମଣ୍ଡଳୀର ବିସ୍ତାର, ପରିସୀମନ ଅଧିନିୟମ, 1972 (1972 ର 76)ର ଉପବନ୍ଧମାନ ଅନୁଯାୟୀ ହୋଇଥିବା ପରିସୀମନ ଆୟୋଗଙ୍କ ଆଦେଶ ଦ୍ୱାରା ଅବଧାରିତ ହୋଇଥିବାମତେ ହେବ ଏବଂ ଅରୁଣାଞ୍ଚଳ ପ୍ରଦେଶର ସଂଘ ରାଜ୍ୟକ୍ଷେତ୍ରସ୍ଥ ସଂସଦୀୟ ନିର୍ବାଚନମଣ୍ଡଳୀର ବିସ୍ତାର, ସଂଘ ରାଜ୍ୟକ୍ଷେତ୍ର ସରକାର ଅଧିନିୟମ, 1963 (1963 ର 20)ର ଉପବନ୍ଧମାନ ଅନୁଯାୟୀ ନିର୍ବାଚନ ଆୟୋଗଙ୍କ ଆଦେଶ ଦ୍ୱାରା ଅବଧାରିତ ହୋଇଥିବାମତେ ହେବ ।

5. ନିରସିତ ।

6. ନିରସିତ ।

## ରାଜ୍ୟ ବିଧାନ ସଭା

ବିଧାନ ସଭାରେ ଓ ବିଧାନ ସଭା ନିର୍ବାଚନ-ମଣ୍ଡଳୀରେ ମୋଟ ଆସନ ସଂଖ୍ୟା ।

7. ଉପଧାରା (1କ) ଓ (1ଖ) ର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ହୋଇ ବିଧାନ ସଭା ନିର୍ବାଚନମଣ୍ଡଳୀରୁ ପ୍ରତ୍ୟକ୍ଷ ନିର୍ବାଚନ ଦ୍ୱାରା ବଛା ଯାଇଥିବା ବ୍ୟକ୍ତିଙ୍କ ଦ୍ୱାରା ପୂରଣ ହେବାକୁ ଥିବା ଦ୍ୱିତୀୟ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ପ୍ରତ୍ୟେକ ରାଜ୍ୟର ବିଧାନ ସଭା ନିର୍ବାଚନମଣ୍ଡଳୀରେ ମୋଟ ଆସନ ସଂଖ୍ୟା ଏବଂ ରାଜ୍ୟର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିପାଇଁ ଆରକ୍ଷିତ ହେବାକୁ ଯଦି କିଛି ଆସନ ଥାଏ, ତାହା ସେହି ଅନୁସୂଚୀରେ ଦର୍ଶାଯାଇଥିବା ପ୍ରକାରେ ହେବ :

ପରନ୍ତୁ, ଅନୁଚ୍ଛେଦ 371-କ ର ଖଣ୍ଡ (2) ରେ ସୂଚିତ କାଳାବଧିପାଇଁ ନାଗାଲ୍ୟାଣ୍ଡ ରାଜ୍ୟର ବିଧାନ ସଭାକୁ ଆବଣ୍ଟିତ ମୋଟ ଆସନ ସଂଖ୍ୟା ବାଉନ ହେବ ଏବଂ ତହିଁରୁ —

(କ) ଟୁଏନସାଙ୍ଗ ଜିଲାକୁ ବାରଟି ଆସନ ଆବଣ୍ଟିତ ହେବ ଏବଂ ରାଜ୍ୟପାଳ ସେହି ଅନୁଚ୍ଛେଦରେ ସୂଚିତ ଆଞ୍ଚଳିକ ପରିଷଦଙ୍କ ସହିତ ପରାମର୍ଶ ପରେ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଯେପରି ବିନିର୍ଦ୍ଦିଷ୍ଟ କରିବେ, ସେପରି ରୀତିରେ ଉକ୍ତ ପରିଷଦର ସଦସ୍ୟମାନଙ୍କ ଦ୍ୱାରା ସେମାନଙ୍କ ମଧ୍ୟରୁ ବଛାଯିବା ବ୍ୟକ୍ତିମାନଙ୍କ ଦ୍ୱାରା ତାହା ପୂରଣ ହେବ; ଏବଂ

(ଖ) ରାଜ୍ୟର ଅବଶିଷ୍ଟ ବିଧାନ ସଭା ନିର୍ବାଚନମଣ୍ଡଳୀରୁ ପ୍ରତ୍ୟକ୍ଷ ନିର୍ବାଚନ ଜରିଆରେ ବଛାଯିବା ବ୍ୟକ୍ତିମାନଙ୍କ ଦ୍ୱାରା ଅନ୍ୟ ଚାଳିଶଟି ଆସନ ପୂରଣ ହେବ ।

(1କ) ଉପଧାରା (1)ରେ ଯାହାକିଛି ଥିବା ସତ୍ତ୍ୱେ, ବିଧାନ ସଭା ନିର୍ବାଚନମଣ୍ଡଳୀରୁ ପ୍ରତ୍ୟକ୍ଷ ନିର୍ବାଚନ ଜରିଆରେ ବଛାଯିବା ବ୍ୟକ୍ତିଙ୍କଦ୍ୱାରା ପୂରଣହୋଇ, ଲୋକ ପ୍ରତିନିଧିତ୍ୱ (ସଂଶୋଧନ) ଅଧିନିୟମ, 1980ର ପ୍ରାରମ୍ଭ ପୂର୍ବରୁ ଯେକୌଣସି ସମୟରେ ଗଠିତ ହେବାକୁ ଥିବା, ସିକିମ ରାଜ୍ୟର ବିଧାନ ସଭାରେ ମୋଟ ଆସନ ସଂଖ୍ୟା ବତିଶି ହେବ ଏବଂ ତହିଁରୁ—

(କ) ଭୁଟିଆ-ଲେପଚା ବଂଶୋଦ୍‌ଭବ ସିକିମ ବାସିନ୍ଦାଙ୍କ ପାଇଁ ବାରଟି ଆସନ ଆରକ୍ଷିତ ହେବ ;

(ଖ) ସେହି ରାଜ୍ୟର ଅନୁସୂଚିତ ଜାତିଙ୍କପାଇଁ ଦୁଇଟି ଆସନ ଆରକ୍ଷିତ ହେବ; ଏବଂ

(ଗ) ଧାରା 25-କ ରେ ସୂଚିତ ସଂଘପାଇଁ ଗୋଟିଏ ଆସନ ଆରକ୍ଷିତ ହେବ ।

ସ୍ପଷ୍ଟୀକରଣ—ଏହି ଉପଧାରାରେ "ଭୁଟିଆ" ଚୁମ୍ବିପା, ଦୋପ୍‌ଥାପା, ଦୁକ୍‌ପା, କାଗାତେ, ସେରପା, ତିବତୀୟ, ତ୍ରୋମୋପା ଓ ୟୋଲ୍ମୋକୁ ଅନ୍ତର୍ଭୁକ୍ତ କରେ ।

(୧ଖ) ଉପଧାରା (୧)ରେ ଯାହାକିଛି ଥିବା ସତ୍ତ୍ୱେ, ଲୋକ ପ୍ରତିନିଧିତ୍ୱ (ତୃତୀୟ ସଂଶୋଧନ) ଅଧିନିୟମ, 1987ର ପ୍ରାରମ୍ଭ ପରେ ଅରୁଣାଞ୍ଚଳ ପ୍ରଦେଶ, ମେଘାଳୟ, ମିଜୋରାମ ଓ ନାଗାଲାଣ୍ଡ ରାଜ୍ୟର ବିଧାନ ସଭାରେ,–

(କ) ଅରୁଣାଞ୍ଚଳ ପ୍ରଦେଶ ରାଜ୍ୟର ବିଧାନ ସଭାରେ ଅନୁସୂଚିତ ଜନଜାତିଙ୍କପାଇଁ ଅଣତିରିଶଗୋଟି ଆସନ ଆରକ୍ଷିତ ହେବ ;

(ଖ) ମେଘାଳୟ ରାଜ୍ୟର ବିଧାନ ସଭାରେ ଅନୁସୂଚିତ ଜନଜାତିଙ୍କପାଇଁ ପଞ୍ଚାବନଗୋଟି ସ୍ଥାନ ଆରକ୍ଷିତ ହେବ ;

(ଗ) ମିଜୋରାମ ରାଜ୍ୟର ବିଧାନ ସଭାରେ ଅନୁସୂଚିତ ଜନଜାତିଙ୍କପାଇଁ ଅଣତିରିଶଗୋଟି ଆସନ ଆରକ୍ଷିତ ହେବ ; ଏବଂ

(ଘ) ନାଗାଲାଣ୍ଡ ରାଜ୍ୟର **ବିଧାନ** ସଭାରେ ଅନୁସୂଚିତ ଜନଜାତିଙ୍କପାଇଁ ଅଣଷଠିଗୋଟି ଆସନ ଆରକ୍ଷିତ ହେବ ।

(୨) ଉପଧାରା (୧) ବା ଉପଧାରା (୧କ)ରେ ସୂଚିତ ପ୍ରତ୍ୟେକ ବିଧାନ ସଭା ନିର୍ବାଚନମଣ୍ଡଳୀ ଏକ-ସଦସ୍ୟବିଶିଷ୍ଟ ନିର୍ବାଚନମଣ୍ଡଳୀ ହେବ ।

(୩) ସିକିମ ରାଜ୍ୟ ଓ ଅରୁଣାଞ୍ଚଳ ପ୍ରଦେଶ ସଂଘ ରାଜ୍ୟକ୍ଷେତ୍ରର ବିଧାନ ସଭା ନିର୍ବାଚନମଣ୍ଡଳୀ ଭିନ୍ନ ଅନ୍ୟ ସମସ୍ତ ରାଜ୍ୟ ଓ ସଂଘ ରାଜ୍ୟକ୍ଷେତ୍ରଗୁଡ଼ିକରେ ପ୍ରତ୍ୟେକ ବିଧାନ ସଭା ନିର୍ବାଚନମଣ୍ଡଳୀର ବିସ୍ତାର, ପରିସୀମନ ଅଧିନିୟମ, 1972ର ଉପବନ୍ଧମାନ ଅନୁଯାୟୀ ପରିସୀମନ ଆୟୋଗର ଆଦେଶଦ୍ୱାରା ଅବଧାରିତ ହେବାମତେ ହେବ, ସିକିମ ରାଜ୍ୟରେ ପ୍ରତ୍ୟେକ ବିଧାନ ସଭା ନିର୍ବାଚନମଣ୍ଡଳୀର ବିସ୍ତାର, ଲୋକ ପ୍ରତିନିଧିତ୍ୱ (ସଂଶୋଧନ) ଅଧିନିୟମ, 1980ର ଧାରା 4 ଦ୍ୱାରା ସଂଶୋଧିତ ହୋଇଥିବା ପ୍ରକାରେ ସଂସଦୀୟ ଓ ବିଧାନ ସଭା ନିର୍ବାଚନମଣ୍ଡଳୀ ଆଦେଶ, 1976ରେ ଉପବନ୍ଧିତ ହୋଇଥିବାମତେ ହେବ ଏବଂ ଅରୁଣାଞ୍ଚଳ ପ୍ରଦେଶ ସଂଘ ରାଜ୍ୟକ୍ଷେତ୍ରରେ ପ୍ରତ୍ୟେକ ବିଧାନ ସଭା ନିର୍ବାଚନମଣ୍ଡଳୀର ବିସ୍ତାର, ସଂଘ ରାଜ୍ୟକ୍ଷେତ୍ର ସରକାର ଅଧିନିୟମ, 1963ର ଉପବନ୍ଧମାନ ଅନୁଯାୟୀ ନିର୍ବାଚନ ଆୟୋଗଙ୍କ ଆଦେଶ ଦ୍ୱାରା ଅବଧାରିତ ହେବାମତେ ହେବ ।

**ସିକିମ୍ ବିଧାନ ସଭାରେ ଓ ବିଧାନ ସଭା ନିର୍ବାଚନ-ମଣ୍ଡଳୀରେ ମୋଟ ଆସନ ସଂଖ୍ୟା ।**

7କ. (୧) ଧାରା 7ରେ ଯାହା କିଛି ଥିବା ସତ୍ତ୍ୱେ ସିକିମ ରାଜ୍ୟର ନିର୍ବାଚନମଣ୍ଡଳୀରୁ ପ୍ରତ୍ୟକ୍ଷ ନିର୍ବାଚନ କରିଆରେ ବଛାଯିବା ବ୍ୟକ୍ତିମାନଙ୍କ ଦ୍ୱାରା ପୂରଣହେବାକୁ ଥିବା ମୋଟ ଆସନ ସଂଖ୍ୟା 32 ହେବ ।

(୨) ଉପଧାରା (୧)ରେ ସୂଚିତ ପ୍ରତ୍ୟେକ ବିଧାନ ସଭା ନିର୍ବାଚନମଣ୍ଡଳୀ, ଏକସଦସ୍ୟବିଶିଷ୍ଟ ନିର୍ବାଚନ-ମଣ୍ଡଳୀ ହେବ ।

(୩) ଯଥାବିଧି ଗଠିତ ହେବାକୁ ଥିବା ସେଭଳି ବିବେଚିତ ବିଧାନ ସଭାରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ବିସ୍ତାର ଓ ସ୍ଥାନଗୁଡ଼ିକର ଆରକ୍ଷଣ, ସମ୍ବିଧାନ (ଛତିଶତମ ସଂଶୋଧନ) ଅଧିନିୟମ, 1975 ର ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ଉପବନ୍ଧିତ ହୋଇଥିବାମତେ ହେବ ।

## ସଂସଦୀୟ ଓ ବିଧାନ ସଭା ନିର୍ବାଚନମଣ୍ଡଳୀର ପରିସୀମନ ଆଦେଶ

**ପରିସୀମନ ଆଦେଶର ଏକତ୍ରୀକରଣ ।**

8. (୧) ଧାରା 4ର ଉପଧାରା (5) ବା ଧାରା 7ର ଉପଧାରା (୩)ରେ ସଂସଦୀୟ ଓ ବିଧାନ ସଭା ନିର୍ବାଚନ-ମଣ୍ଡଳୀର ପରିସୀମନ ସଂପର୍କରେ ସୂଚିତ ସମସ୍ତ ଆଦେଶ ପରିସୀମନ ଆୟୋଗ ବା ଯଥାସ୍ଥିତି, ନିର୍ବାଚନ ଆୟୋଗ ଦ୍ୱାରା ଦିଆଯିବା ଓ ସରକାରୀ ଗେଜେଟରେ ପ୍ରକାଶିତ ହେବାପରେ ନିର୍ବାଚନ ଆୟୋଗ ସେପରି ଆଦେଶରେ ଦିଆ-ହୋଇଥିବା ପ୍ରକାରେ ସଂସଦୀୟ ଓ ବିଧାନ ସଭା ନିର୍ବାଚନମଣ୍ଡଳୀର ବିସ୍ତାରର ବର୍ଣ୍ଣନାକୁ ଅଦ୍ୟତନ କରିବାପାଇଁ ଯେପରି ଆବଶ୍ୟକ ବୋଧ ହୁଏ ସେପରି ସଂଶୋଧନ କରିବା ପରେ ଯଥାଶୀଘ୍ର ସେପରି ସମସ୍ତ ଆଦେଶକୁ ଗୋଟିଏ ଆଦେଶରେ ଏକତ୍ରୀକୃତ କରିବେ ଯାହାକି ସଂସଦୀୟ ଓ ବିଧାନ ସଭା ନିର୍ବାଚନମଣ୍ଡଳୀର ପରିସୀମନ ଆଦେଶ, 1976 ନାମରେ ଅଭିହିତ ହେବ ଓ ସେହି ଆଦେଶର ପ୍ରମାଣୀକୃତ ନକଲମାନ କେନ୍ଦ୍ର ସରକାର ଓ ବିଧାନ ସଭା ନିର୍ବାଚନମଣ୍ଡଳୀ ଥିବା ପ୍ରତ୍ୟେକ ରାଜ୍ୟର ସରକାରଙ୍କ ନିକଟକୁ ପଠାଇବେ ଓ ଅବିଳମ୍ବେ ସେହି ଆଦେଶର ଧାରା 4ର ଉପଧାରା (5)ରେ ବା ଧାରା 7ର ଉପଧାରା (୩)ରେ ସୂଚିତ ସମସ୍ତ ଆଦେଶକୁ ଅଧିକ୍ରାନ୍ତ କରିବ ଓ ବିଧିର ବଳ ପ୍ରାପ୍ତ ହେବ ଓ କୌଣସି ନ୍ୟାୟାଳୟରେ ସେ ସଂପର୍କରେ ପ୍ରଶ୍ନ ହେବ ନାହିଁ ।

(୨) କେନ୍ଦ୍ର ସରକାର ବା ରାଜ୍ୟର ସରକାର ଉକ୍ତ ଆଦେଶ ପାଇବାପରେ ଯଥାଶୀଘ୍ର ତାହାକୁ ଲୋକସଭା ବା ଯଥାସ୍ଥିତି, ରାଜ୍ୟର ବିଧାନ ସଭା ସମକ୍ଷରେ ଉପସ୍ଥାପିତ କରିବେ ।

(3) ଧାରା 4ର ଉପଧାରା (5) ବା, ଯଥାସ୍ଥିତି, ଧାରା 7ର ଉପଧାରା (3)ରେ ସୂଚିତ ଆଦେଶର ଉପଧାରା (1) ଅଧୀନ ଏକତ୍ରୀକରଣ, ପରିସୀମନ ଅଧିନିୟମ, 1972 (1972ର 76)ର ଧାରା 10ର ଉପଧାରା (5)ରେ ଉପବନ୍ଧିତ ହୋଇଥିବା ପ୍ରକାରେ ଯେପରି ସୁସଙ୍ଗତ ହୋଇପାରେ ସେପରି କୌଣସି ଆଦେଶ ବା ଆଦେଶାବଳୀ ଭାରତର ଗେଜେଟରେ ପ୍ରକାଶିତ ହେବା ତାରିଖରେ ବିଦ୍ୟମାନଥିବା ଲୋକ ସଭା ବା ରାଜ୍ୟ ବିଧାନ ସଭାରେ ପ୍ରତିନିଧିତ୍ୱକୁ ଏବଂ ରାଜ୍ୟକ୍ଷେତ୍ରୀୟ ନିର୍ବାଚନମଣ୍ଡଳୀକୁ ପ୍ରଭାବିତ କରିବ ନାହିଁ ।

ପରିସୀମନ ଆଦେଶକୁ ଅଦ୍ୟତନ କରି ରଖିବା ନିମିତ୍ତ ନିର୍ବାଚନ ଆୟୋଗଙ୍କ କ୍ଷମତା ।

9. (1) ନିର୍ବାଚନ ଆୟୋଗ ଭାରତର ଗେଜେଟରେ ଓ ସଂପୃକ୍ତ ରାଜ୍ୟର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ସମୟକୁ ସମୟ—

(କ) ସଂସଦୀୟ ଓ ବିଧାନ ସଭା ନିର୍ବାଚନମଣ୍ଡଳୀ ପରିସୀମନ ଆଦେଶ, 1966 ବା, ଯଥାସ୍ଥିତି, ସଂସଦୀୟ ଓ ବିଧାନ ସଭା ନିର୍ବାଚନମଣ୍ଡଳୀ ପରିସୀମନ ଆଦେଶ, 1976ରେ ଥିବା କୌଣସି ମୁଦ୍ରଣ ଦୋଷ ବା ଅସାବଧାନ ଭୁଲ ବା ଲୋପ ଯୋଗୁଁ ତହିଁରେ ଉପୁଜିଥିବା କୌଣସି ପ୍ରମାଦକୁ ସଂଶୋଧନ କରିପାରିବେ,

(କକ) ସଂସଦୀୟ ଓ ବିଧାନ ସଭା ନିର୍ବାଚନମଣ୍ଡଳୀର ପରିସୀମନ ଆଦେଶ, 1976 ସହିତ, କୌଣସି କେନ୍ଦ୍ରୀୟ ଅଧିନିୟମ ଅନୁଯାୟୀ ଜାରି କରଯାଇଥିବା ସଂସଦୀୟ ବା ବିଧାନ ସଭା ନିର୍ବାଚନମଣ୍ଡଳୀ (ଉକ୍ତ ନିର୍ବାଚନମଣ୍ଡଳୀ-ଗୁଡ଼ିକରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ ଆସନର ଆରକ୍ଷଣ ସମେତ) ସଂପର୍କିତ କୌଣସି ଅଧିସୂଚନା ବା ଆଦେଶ ଏକତ୍ରୀକୃତ କରିବାପାଇଁ ସେ ଯେପରି ଆବଶ୍ୟକ ବା ସମୀଚୀନ ମନେକରିବେ, ଉକ୍ତ ଆଦେଶରେ ସେପରି ସଂଶୋଧନ କରିପାରିବେ ।

(ଖ) ଯେଉଁସ୍ଥଳେ କୌଣସି ଜିଲ୍ଲା ବା ରାଜ୍ୟକ୍ଷେତ୍ରୀୟ ପ୍ରଭାଗର ସୀମା ବା ନାମ ପରିବର୍ତ୍ତିତ ହୁଏ ସେହିସ୍ଥଳେ ଉକ୍ତ ଆଦେଶକୁ ଅଦ୍ୟତନ କରିବାପାଇଁ ସେ ଯେପରି ଆବଶ୍ୟକ ବା ସମୀଚୀନ ମନେକରିବେ ସେପରି ସଂଶୋଧନ କରିପାରିବେ ।

(2) ଏହି ଧାରା ଅନୁଯାୟୀ ପ୍ରତ୍ୟେକ ଅଧିସୂଚନା ପ୍ରକାଶ ପାଇବା ପରେ ଯଥାଶୀଘ୍ର ତାହା ଲୋକ ସଭା ଓ ସଂପୃକ୍ତ ରାଜ୍ୟର ବିଧାନ ସଭା ସମକ୍ଷରେ ଉପସ୍ଥାପିତ ହେବ ।

କେତେକ ରାଜ୍ୟରେ ଅନୁସୂଚିତ ଜନଜାତି ପାଇଁ ଆରକ୍ଷିତ ନିର୍ବାଚନ-ମଣ୍ଡଳୀ ଅବଧାରଣ କରିବାକୁ ନିର୍ବାଚନ ଆୟୋଗଙ୍କ କ୍ଷମତା ।

9.କ(1) ଲୋକ ପ୍ରତିନିଧିତ୍ୱ (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1987 ପ୍ରବୃତ୍ତ ହେବାପରେ ଯଥାସମ୍ଭବ ଶୀଘ୍ର, ନିର୍ବାଚନ ଆୟୋଗ, ସମ୍ବିଧାନର ଉପବନ୍ଧ ଓ ପରିସୀମନ ଅଧିନିୟମ, 1972ର ଧାରା 9 ର ଉପଧାରା (1)ର ଖଣ୍ଡ(ଘ)ରେ ବିନିର୍ଦ୍ଦିଷ୍ଟ ନୀତିନିୟମଗୁଡ଼ିକୁ ଧ୍ୟାନରେ ରଖି ମେଘାଳୟ, ମିଜୋରାମ ଓ ନାଗାଲାଣ୍ଡ ରାଜ୍ୟରେ ଯେଉଁ ବିଧାନ ସଭା ନିର୍ବାଚନମଣ୍ଡଳୀଗୁଡ଼ିକରେ ଅନୁସୂଚିତ ଜନଜାତିମାନଙ୍କ ଲାଗି ଆସନ ଆରକ୍ଷିତ ହେବ ତାହା ଅବଧାରଣ କରିବେ ।

(2) ନିର୍ବାଚନ ଆୟୋଗ—

(କ) ଯେକୌଣସି ରାଜ୍ୟ ସଂକ୍ରାନ୍ତରେ ଉପଧାରା (1) ଅନୁଯାୟୀ ତାଙ୍କର ପ୍ରସ୍ତାବମାନ, ସରକାରୀ ଗେଜେଟରେ ଏବଂ ସେ ଯେପରି ଉଚିତ ମନେ କରିବେ ସେପରି ଅନ୍ୟ ରୀତିରେ ପ୍ରକାଶ କରିବେ;

(ଖ) ଯେଉଁ ତାରିଖରେ ବା ଯେଉଁ ତାରିଖ ପରେ ସେହି ପ୍ରସ୍ତାବଗୁଡ଼ିକ ଅଧିକତର ବିଚାର କରିବେ, ସେହି ତାରିଖ ବିନିର୍ଦ୍ଦିଷ୍ଟ କରିବେ;

(ଗ) ସେପରି ବିନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ସେ ପାଇଥିବା ଆପତ୍ତି ଓ ପ୍ରସ୍ତାବଗୁଡ଼ିକ ବିଚାର କରିବେ ;

(ଘ) ଯଦି ସେ ଉଚିତ ବିବେଚନା କରନ୍ତି, ତେବେ ସେପରି ବିଚାର ଉଦ୍ଦେଶ୍ୟରେ, ସେ ଯେପରି ଉଚିତ ମନେ କରିବେ, ସେପରି ରାଜ୍ୟର ସେପରି ସ୍ଥାନ ବା ସ୍ଥାନମାନଙ୍କରେ ଏକ ବା ଏକାଧିକ ସାଧାରଣ ବୈଠକ ଅନୁଷ୍ଠିତ କରାଇବେ;

(ଙ) ସେପରି ବିନିର୍ଦ୍ଦିଷ୍ଟ ହୋଇଥିବା ତାରିଖ ପୂର୍ବରୁ ସେ ପାଇଥିବା ସମସ୍ତ ଆପତ୍ତି ଓ ପ୍ରସ୍ତାବଗୁଡ଼ିକ ବିଚାର କରିବା ପରେ, ରାଜ୍ୟର ଯେଉଁ ବିଧାନ ସଭା ନିର୍ବାଚନମଣ୍ଡଳୀ ବା ନିର୍ବାଚନମଣ୍ଡଳୀ-ଗୁଡ଼ିକରେ ଅନୁସୂଚିତ ଜନଜାତି ପାଇଁ ଆସନ ଆରକ୍ଷିତ ହେବ, ଆଦେଶ ଦ୍ୱାରା ତାହା ଅବଧାରଣ କରିବେ ଏବଂ ସେହି ଆଦେଶକୁ ସରକାରୀ ଗେଜେଟରେ ପ୍ରକାଶିତ କରାଇବେ, ଏବଂ ସେପରି ପ୍ରକାଶିତ ହେଲେ ଉକ୍ତ ଆଦେଶଟି ବିଧି ଦ୍ୱାରା ସଂପୂର୍ଣ୍ଣ ବଳପ୍ରାପ୍ତ ହେବ ଓ ସେ ବିଷୟରେ କୌଣସି ନ୍ୟାୟାଳୟରେ ଆପତ୍ତି କରାଯିବ ନାହିଁ ଏବଂ ଯଥାସ୍ଥିତି, ସଂସଦୀୟ ଓ ବିଧାନ ସଭା ନିର୍ବାଚନମଣ୍ଡଳୀ ପରିସୀମନ ଆଦେଶ, 1976 ବା ମିଜୋରାମ (ବିଧାନ ସଭା ନିର୍ବାଚନ-ମଣ୍ଡଳୀ ପରିସୀମନ) ଆଦେଶ, 1986, ତଦନୁଯାୟୀ ସଂଶୋଧିତ ହୋଇଛି ବୋଲି ବିବେଚିତ ହେବ ।

(3) ଉପଧାରା (2) ଅନୁଯାୟୀ ଦିଆଯାଇଥିବା ପ୍ରତ୍ୟେକ ଆଦେଶ, ସେହି ଉପଧାରା ଅନୁଯାୟୀ ତାହା ପ୍ରକାଶିତ ହେବାପରେ ଯଥାସମ୍ଭବ ଶୀଘ୍ର ସଂପୃକ୍ତ ରାଜ୍ୟର ବିଧାନ ସଭାରେ ଉପସ୍ଥାପନ କରଯିବ ।

ସ୍ପଷ୍ଟୀକରଣ—ଏହି ଧାରା ଉଦ୍ଦେଶ୍ୟରେ "ବିଧାନ ସଭା ନିର୍ବାଚନମଣ୍ଡଳୀ" ଅର୍ଥ—

(କ) ମେଘାଳୟ ଓ ନାଗାଲଣ୍ଡ ରାଜ୍ୟ ସଂପର୍କରେ, ସଂସଦୀୟ ଓ ବିଧାନ ସଭା ନିର୍ବାଚନମଣ୍ଡଳୀ ପରିସୀମନ ଆଦେଶ, 1976 ରେ ବିନିର୍ଦ୍ଦିଷ୍ଟ କରାଯାଇଥିବାମତେ ସେହି ରାଜ୍ୟଗୁଡ଼ିକର ବିଧାନ ସଭା ନିର୍ବାଚନମଣ୍ଡଳୀ; ଏବଂ

(ଖ) ମିଜୋରାମ ରାଜ୍ୟ ସଂପର୍କରେ, ମିଜୋରାମ (ବିଧାନ ସଭା ନିର୍ବାଚନମଣ୍ଡଳୀ ପରିସୀମନ) ଆଦେଶ, 1986 ରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ବିଧାନ ସଭା ନିର୍ବାଚନମଣ୍ଡଳୀ ।

## ରାଜ୍ୟ ବିଧାନ ପରିଷଦ

ବିଧାନ ପରିଷଦରେ ଆସନର ଆବଣ୍ଟନ ।

10.(1) ବିଧାନ ପରିଷଦ ଥିବା ରାଜ୍ୟମାନଙ୍କର ବିଧାନ ପରିଷଦରେ ଆସନର ଆବଣ୍ଟନ ତୃତୀୟ ଅନୁସୂଚୀରେ ଦର୍ଶାଯାଇଥିବା ପ୍ରକାରେ ହେବ ।

(2) ତୃତୀୟ ଅନୁସୂଚୀର ପ୍ରଥମ ସ୍ତମ୍ଭରେ ବିନିର୍ଦ୍ଦିଷ୍ଟ ପ୍ରତ୍ୟେକ ରାଜ୍ୟର ବିଧାନ ପରିଷଦରେ ତାହାର ଦ୍ୱିତୀୟ ସ୍ତମ୍ଭରେ ଥିବା ରାଜ୍ୟର ବିପରୀତ ପାର୍ଶ୍ୱରେ ବିନିର୍ଦ୍ଦିଷ୍ଟ ସଂଖ୍ୟକ ଆସନ ରହିବ ଓ ସେହି ଆସନ ମଧ୍ୟରୁ—

(କ) ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ତମ୍ଭରେ ବିନିର୍ଦ୍ଦିଷ୍ଟ ସଂଖ୍ୟା, ଯଥାକ୍ରମେ ଅନୁଚ୍ଛେଦ 171ର ଖଣ୍ଡ (3)ର ଉପଖଣ୍ଡ (କ), (ଖ) ଓ (ଗ)ରେ ସୂଚିତ ନିର୍ବାଚକଗଣ ଦ୍ୱାରା ନିର୍ବାଚିତ ବ୍ୟକ୍ତିମାନଙ୍କୁ ନେଇ ପୂରଣ ହେବାକୁ ଥିବା ଆସନ ସଂଖ୍ୟା ହେବ;

(ଖ) ଷଷ୍ଠ ସ୍ତମ୍ଭରେ ବିନିର୍ଦ୍ଦିଷ୍ଟ ସଂଖ୍ୟା, ରାଜ୍ୟ ବିଧାନ ସଭାର ସଦସ୍ୟମାନଙ୍କ ଦ୍ୱାରା ସେହି ବିଧାନ ସଭାର ସଦସ୍ୟ ନ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ନିର୍ବାଚିତ ବ୍ୟକ୍ତିମାନଙ୍କୁ ନେଇ ପୂରଣ ହେବାକୁ ଥିବା ଆସନ ସଂଖ୍ୟା ହେବ; ଏବଂ

(ଗ) ସପ୍ତମ ସ୍ତମ୍ଭରେ ବିନିର୍ଦ୍ଦିଷ୍ଟ ସଂଖ୍ୟା, ଅନୁଚ୍ଛେଦ 71ର ଖଣ୍ଡ (5)ର ଉପବନ୍ଧ ଅନୁଯାୟୀ ରାଜ୍ୟର ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ନେଇ ପୂରଣ ହେବାକୁ ଥିବା ଆସନ ସଂଖ୍ୟା ହେବ ।

ପରିଷଦ ନିର୍ବାଚନ-ମଣ୍ଡଳୀର ପରିସୀମନ ।

11. ରାଷ୍ଟ୍ରପତି ଏହି ଅଧିନିୟମର ପ୍ରାରମ୍ଭପରେ ଯଥାଶୀଘ୍ର ଆଦେଶ ଦ୍ୱାରା ନିମ୍ନ ବିଷୟମାନ ଅବଧାରଣ କରିବେ—

(କ) ବିଧାନ ପରିଷଦ ଥିବା ପ୍ରତ୍ୟେକ ରାଜ୍ୟ ଅନୁଚ୍ଛେଦ 171ର ଖଣ୍ଡ (3)ର ଉପଖଣ୍ଡ (କ), (ଖ) ଓ (ଗ) ପ୍ରତ୍ୟେକ ଅନୁଯାୟୀ ସେହି ପରିଷଦକୁ ନିର୍ବାଚନ ଉଦ୍ଦେଶ୍ୟରେ କେଉଁ କେଉଁ ନିର୍ବାଚନମଣ୍ଡଳୀରେ ବିଭକ୍ତ କରାହେବ,

(ଖ) ପ୍ରତି ନିର୍ବାଚନମଣ୍ଡଳୀର ବିସ୍ତାର, ଓ

(ଗ) ପ୍ରତି ନିର୍ବାଚନମଣ୍ଡଳୀକୁ ଆବଣ୍ଟିତ ଆସନ ସଂଖ୍ୟା ।

## ନିର୍ବାଚନମଣ୍ଡଳୀର ପରିସୀମନ ଆଦେଶ ବିଷୟକ ଉପବନ୍ଧ

ଆଦେଶ ପରିବର୍ତ୍ତନ ବା ସଂଶୋଧନ କରିବାର କ୍ଷମତା ।

12. (1) ରାଷ୍ଟ୍ରପତି ସମୟକୁ ସମୟ ନିର୍ବାଚନ ଆୟୋଗଙ୍କ ପରାମର୍ଶ ପରେ ଆଦେଶ ଦ୍ୱାରା ଧାରା 11 ଅନୁଯାୟୀ ତାଙ୍କ ଦ୍ୱାରା କରାହୋଇଥିବା ଯେକୌଣସି ଆଦେଶର ପରିବର୍ତ୍ତନ ବା ସଂଶୋଧନ କରିପାରିବେ ।

(2) ଉପଧାରା (1) ଅନୁଯାୟୀ ଦିଆଯିବା ଆଦେଶରେ ସେହି ଅଦେଶର ଅବ୍ୟବହିତ ପୂର୍ବରୁ କୌଣସି ପରିଷଦ ନିର୍ବାଚନମଣ୍ଡଳୀର ପ୍ରତିନିଧିତ୍ୱ କରୁଥିବା କୌଣସି ସଦସ୍ୟଙ୍କ ପାଇଁ ସେହି ଆଦେଶ ଦ୍ୱାରା ନୂତନ ରୂପେ ପରିସୀମିତ ବା ପରିବର୍ତ୍ତିତ କୌଣସି ନିର୍ବାଚନମଣ୍ଡଳୀରେ ଆସନ ଆବଣ୍ଟିତ କରିବା ନିମିତ୍ତ ଏବଂ ରାଷ୍ଟ୍ରପତି ଆବଶ୍ୟକ ମନେ କରିବାମତେ ଅନ୍ୟାନ୍ୟ ଆନୁଷଙ୍ଗିକ ଓ ପାରିଣାମିକ ବିଷୟ ନିମିତ୍ତ ଉପବନ୍ଧମାନ ରହିପାରିବ ।

ନିର୍ବାଚନମଣ୍ଡଳୀ ପରିସୀମନ ଆଦେଶ ବିଷୟରେ କାର୍ଯ୍ୟବିଧି ।

13. (1) * * *

(2) * * *

(3) ଧାରା 11 ବା ଧାରା 12 ଅନୁଯାୟୀ କରାହୋଇଥିବା ପ୍ରତ୍ୟେକ ଆଦେଶ ଏହା କରାହେବା ପରେ ଯଥାଶୀଘ୍ର ସଂସଦ ସମକ୍ଷରେ ଉପସ୍ଥାପିତ ହେବ ଓ ସେହି ଆଦେଶ ସେପରି ଉପସ୍ଥାପିତ ହେବା ତାରିଖ ଠାରୁ କୋଡ଼ିଏ ଦିନ ମଧ୍ୟରେ ସଂସଦ ଏକ ପ୍ରସ୍ତାବ କ୍ରମେ କୌଣସି ରୂପଭେଦନ କଲେ ତାହା ସେହି ରୂପଭେଦନ ପ୍ରତି ସାପେକ୍ଷ ହେବ ।

## ଭାଗ II-କ

### ଅଧିକାରୀ ବୃନ୍ଦ

ମୁଖ୍ୟ ନିର୍ବାଚକ ଅଧିକାରୀ ।

13କ. (1) ପ୍ରତ୍ୟେକ ରାଜ୍ୟ ପାଇଁ ଜଣେ ମୁଖ୍ୟ ନିର୍ବାଚକ ଅଧିକାରୀ ରହିବେ, ଯେ କି ସରକାରଙ୍କର ଏପରି ଅଧିକାରୀ ହେବେ ଯାହାଙ୍କୁ ନିର୍ବାଚନ ଆୟୋଗ ସେହି ସରକାରଙ୍କ ସହ ପରାମର୍ଶ କ୍ରମେ ଏତଦ୍ଉପଲକ୍ଷେ ପଦନାମିତ ବା ମନୋନୀତ କରିପାରନ୍ତି ।

(2) ନିର୍ବାଚନ ଆୟୋଗଙ୍କ ଅଧୀକ୍ଷଣ, ନିର୍ଦ୍ଦେଶ ଓ ନିୟନ୍ତ୍ରଣ ପ୍ରତି ସାପେକ୍ଷ ରହି ମୁଖ୍ୟ ନିର୍ବାଚକ ଅଧିକାରୀ ଏହି ଅଧିନିୟମ ଅନୁଯାୟୀ ରାଜ୍ୟରେ ସମସ୍ତ ନିର୍ବାଚକ ନାମାବଳୀର ପ୍ରସ୍ତୁତି, ପୁନରୀକ୍ଷଣ ଓ ସଂଶୋଧନ ପର୍ଯ୍ୟବେକ୍ଷଣ କରିବେ ।

ଜିଲ୍ଲା ନିର୍ବାଚନ ଅଧିକାରୀ ।

13କକ. (1) ସଂଘ ରାଜ୍ୟ କ୍ଷେତ୍ର ଭିନ୍ନ ଅନ୍ୟ ରାଜ୍ୟସ୍ଥ ପ୍ରତ୍ୟେକ ଜିଲ୍ଲା ପାଇଁ ନିର୍ବାଚନ ଆୟୋଗ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଜଣେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ପଦନାମିତ ବା ମନୋନୀତ କରିବେ ଯେ କି ସରକାରଙ୍କର ଜଣେ ଅଧିକାରୀ ହେବେ :

ପରନ୍ତୁ ଯଦି ନିର୍ବାଚନ ଆୟୋଗଙ୍କର ହୃଦବୋଧ ହୁଏ ଯେ ଜଣେ ଅଧିକାରୀଙ୍କ ଦ୍ୱାରା ସେହି ପଦର କାର୍ଯ୍ୟ ସନ୍ତୋଷଜନକ ଭାବେ ସଂପନ୍ନ ହୋଇ ପାରିବ ନାହିଁ, ତାହାହେଲେ ନିର୍ବାଚନ ଆୟୋଗ ଗୋଟିଏ ଜିଲ୍ଲା ପାଇଁ ସେପରି ଏକାଧିକ ଅଧିକାରୀଙ୍କୁ ପଦନାମିତ ବା ମନୋନୀତ କରି ପାରିବେ ।

(2) ଉପଧାରା (1) ର ପରନ୍ତୁକ ଅନୁଯାୟୀ ଯେତେବେଳେ ଗୋଟିଏ ଜିଲ୍ଲ ପାଇଁ ଏକାଧିକ ଜିଲ୍ଲା ନିର୍ବାଚନ ଅଧିକାରୀ ପଦନାମିତ ବା ମନୋନୀତ ହୋଇଥାନ୍ତି ସେତେବେଳେ ନିର୍ବାଚନ ଆୟୋଗ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ପଦନାମିତ ବା ମନୋନୀତ କରୁଥିବା ଆଦେଶରେ ତନ୍ମଧ୍ୟରୁ ପ୍ରତ୍ୟେକ ଅଧିକାରୀ ଯେଉଁ କ୍ଷେତ୍ର ସଂକ୍ରାନ୍ତରେ ଅଧିକାରିତା ପ୍ରୟୋଗ କରିବେ ତାହା ମଧ୍ୟ ବିନିର୍ଦ୍ଦିଷ୍ଟ କରିବେ ।

(3) ମୁଖ୍ୟ ନିର୍ବାଚକ ଅଧିକାରୀଙ୍କ ଅଧୀକ୍ଷଣ, ନିର୍ଦ୍ଦେଶ ଓ ନିୟନ୍ତ୍ରଣ ପ୍ରତି ସାପେକ୍ଷ ରହି ଜିଲ୍ଲା ନିର୍ବାଚନ ଅଧିକାରୀ ଜିଲ୍ଲାରେ ବା ତାଙ୍କ ଅଧିକାରିତାରେ ଥିବା କ୍ଷେତ୍ରରେ ଜିଲ୍ଲା ମଧ୍ୟରେ ଥିବା ସମସ୍ତ ସଂସଦୀୟ, ବିଧାନ ସଭା ଓ ପରିଷଦ ନିର୍ବାଚନମଣ୍ଡଳୀମାନଙ୍କ ପାଇଁ ନିର୍ବାଚକ ନାମାବଳୀର ପ୍ରସ୍ତୁତି ଓ ପୁନରୀକ୍ଷଣ ସଂକ୍ରାନ୍ତ ସମସ୍ତ କାର୍ଯ୍ୟର ସମନ୍ୱୟ ଓ ପର୍ଯ୍ୟବେକ୍ଷଣ କରିବେ ।

(4) ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚକ ଅଧିକାରୀଙ୍କ ଦ୍ୱାରା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଯେଉଁ ଅନ୍ୟାନ୍ୟ କୃତ୍ୟ ଭାରାର୍ପିତ କରାଯାଇପାରେ ସେ ସମସ୍ତ ମଧ୍ୟ ସେ ସଂପାଦନ କରିବେ ।

ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀ ।

13 ଖ. (1) ଜାମ୍ମୁ ଓ କାଶ୍ମୀର ରାଜ୍ୟରେ ବା ବିଧାନ ସଭା ନ ଥିବା ସଂଘ ରାଜ୍ୟ କ୍ଷେତ୍ରରେ ଥିବା ପ୍ରତ୍ୟେକ ସଂସଦୀୟ ନିର୍ବାଚନମଣ୍ଡଳୀପାଇଁ ପ୍ରତ୍ୟେକ ବିଧାନ ସଭା ନିର୍ବାଚନମଣ୍ଡଳୀ ଓ ପ୍ରତ୍ୟେକ ପରିଷଦ ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀ ଜଣେ ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ଓ ପୁନରୀକ୍ଷଣ କରାଯିବ ଯେକି ସରକାରଙ୍କର ବା ସ୍ଥାନୀୟ ପ୍ରାଧିକାରୀଙ୍କର ଏପରି ଅଧିକାରୀ ହେବେ ଯାହାଙ୍କୁ ଯେଉଁ ରାଜ୍ୟରେ ନିର୍ବାଚନମଣ୍ଡଳୀ ଅବସ୍ଥିତ ଅଟେ ସେହି ରାଜ୍ୟର ସରକାରଙ୍କ ସହ ପରାମର୍ଶକ୍ରମେ ନିର୍ବାଚନ କମିଶନ ଏତଦ୍ଉପଲକ୍ଷେ ସେପରି ପଦ ନାମିତ ବା ମନୋନୀତ କରିପାରନ୍ତି ।

(2) ଜଣେ ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀ, କୌଣସି ବିହିତ କଟକଣା ପ୍ରତି ସାପେକ୍ଷ ରହି ନିର୍ବାଚନମଣ୍ଡଳୀପାଇଁ ନିର୍ବାଚକ ନାମାବଳୀର ପ୍ରସ୍ତୁତି ଓ ପୁନରୀକ୍ଷଣ ପାଇଁ ସେ ଉପଯୁକ୍ତ ଭାବୁଥିବା ବ୍ୟକ୍ତିଙ୍କୁ ନିୟୋଜିତ କରିପାରିବେ ।

ସହାୟକ ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀ ।

13ଗ. (1) ନିର୍ବାଚନ ଆୟୋଗ କୌଣସି ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀଙ୍କୁ ତାଙ୍କ କୃତ୍ୟ ସଂପାଦନରେ ସାହଯ୍ୟ କରିବାପାଇଁ ଏକ ବା ଏକାଧିକ ବ୍ୟକ୍ତିଙ୍କୁ ସହାୟକ ରେଜିଷ୍ଟ୍ରୀକରଣ ଅଧିକାରୀ ଭାବେ ନିଯୁକ୍ତ କରିପାରିବେ ।

(2) ପ୍ରତ୍ୟେକ ସହାୟକ ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀ, ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀଙ୍କ ନିୟନ୍ତ୍ରଣ ପ୍ରତି ସାପେକ୍ଷହୋଇ ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀଙ୍କର ସମସ୍ତ ବା ଯେକୌଣସି କୃତ୍ୟ ସଂପାଦନ କରିବାକୁ ସକ୍ଷମ ହେବେ ।

ମୁଖ୍ୟ ନିର୍ବାଚକ ଅଧିକାରୀ, ଜିଲା ନିର୍ବାଚନ ଅଧିକାରୀ ଆଦି ନିର୍ବାଚନ ଆୟୋଗଙ୍କୁ ପ୍ରତିନିଯୁକ୍ତ ହୋଇଛନ୍ତି ବୋଲି ବିବେଚିତ ହେବେ ।

13ଗଗ. ଏହି ଧାରାରେ ସୂଚିତ ଅଧିକାରୀମାନେ ଏବଂ ନିର୍ବାଚକ ନାମାବଳୀର ପ୍ରସ୍ତୁତି, ପୁନରୀକ୍ଷଣ ଓ ସଂଶୋଧନ ସଂପର୍କରେ ତଥା ସମସ୍ତ ନିର୍ବାଚନର ପରିଚାଳନା ପାଇଁ ନିୟୋଜିତ ଅନ୍ୟ ଯେକୌଣସି ଅଧିକାରୀ ବା କର୍ମଚାରୀ, ସେମାନେ ସେପରି ନିୟୋଜିତ ଥିବା କାଳାବଧି ମଧ୍ୟରେ ନିର୍ବାଚନ ଆୟୋଗଙ୍କୁ ପ୍ରତିନିଯୁକ୍ତ ହୋଇଛନ୍ତି-ବୋଲି ବିବେଚିତ ହେବେ ଏବଂ ସେହି ଅଧିକାରୀ ଓ କର୍ମଚାରୀମାନେ ସେହି କାଳାବଧି ମଧ୍ୟରେ ନିର୍ବାଚନ ଆୟୋଗର ନିୟନ୍ତ୍ରଣ, ଅଧୀକ୍ଷଣ ଓ ଶୃଂଖଳା ପ୍ରତି ସାପେକ୍ଷ ହେବେ ।

## ଭାଗ II-ଖ

## ସଂସଦୀୟ ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀ

ସଂସଦୀୟ ନିର୍ବାଚନ-ମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀ ।

13.ଘ (1) ଜାମ୍ମୁ ଓ କାଶ୍ମୀର ରାଜ୍ୟରେ ବା ବିଧାନ ସଭା ନ ଥିବା ସଂଘ ରାଜ୍ୟ କ୍ଷେତ୍ରରେ ଥିବା ସଂସଦୀୟ ନିର୍ବାଚନମଣ୍ଡଳୀ ବ୍ୟତିରେକେ ଅନ୍ୟ ପ୍ରତ୍ୟେକ ସଂସଦୀୟ ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀ ସେହି ସଂସଦୀୟ ନିର୍ବାଚନମଣ୍ଡଳୀ ମଧ୍ୟରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ବିଧାନ ସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀକୁ ନେଇ ଗଠିତ ହେବ ଏବଂ ସେପରି କୌଣସି ସଂସଦୀୟ ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀକୁ ପୃଥକଭାବେ ପ୍ରସ୍ତୁତ କରିବା ବା ପୁନରୀକ୍ଷଣ କରିବା ଆବଶ୍ୟକ ହେବ ନାହିଁ :

ପରନ୍ତୁ ଅନୁଚ୍ଛେଦ 371କ ର ଖଣ୍ଡ (2) ରେ ସୂଚିତ କାଳାବଧି ପାଇଁ ଯେଉଁ ଭାଗକୁ ନେଇ ନାଗାଲାଣ୍ଡ ଟ୍ୟୁଏନସାଙ୍ଗ ଜିଲା ସଂସଦୀୟ ନିର୍ବାଚନମଣ୍ଡଳୀ ଗଠିତ ସେହି ଭାଗପାଇଁ ନିର୍ବାଚକ ନାମାବଳୀ ପୃଥକ ଭାବରେ ପ୍ରସ୍ତୁତ ଓ ପୁନରୀକ୍ଷଣ କରାଯିବା ଆବଶ୍ୟକ ହେବ ଓ ଭାଗ IIIର ଉପବନ୍ଧମାନ ବିଧାନ ସଭା ନିର୍ବାଚନମଣ୍ଡଳୀ ସଂପର୍କରେ ଯେପରି ପ୍ରଯୋଜ୍ୟ ହୁଏ ସେ ସବୁ ଉକ୍ତ ଭାଗର ନିର୍ବାଚକ ନାମାବଳୀର ପ୍ରସ୍ତୁତି ଓ ପୁନରୀକ୍ଷଣ ସଂପର୍କରେ ସେହିପରି ପ୍ରଯୋଜ୍ୟ ହେବ ।

(2) ଭାଗ III ର ଉପବନ୍ଧମାନ କୌଣସି ବିଧାନ ସଭା ନିର୍ବାଚନମଣ୍ଡଳୀ ସଂପର୍କରେ ପ୍ରଯୋଜ୍ୟ ହେବା ପରି ଜାମ୍ମୁ ଓ କାଶ୍ମୀର ରାଜ୍ୟରେ ବା ବିଧାନ ସଭା ନ ଥିବା ସଂଘ ରାଜ୍ୟକ୍ଷେତ୍ରରେ ଥିବା ପ୍ରତ୍ୟେକ ସଂସଦୀୟ ନିର୍ବାଚନମଣ୍ଡଳୀ ସଂପର୍କରେ ପ୍ରଯୋଜ୍ୟ ହେବ ।

## ଭାଗ III

## ବିଧାନ ସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀ

ସଂଜ୍ଞା

14. ଏହି ଭାଗରେ ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ,—

(କ) "ନିର୍ବାଚନ ମଣ୍ଡଳୀ"ର ଅର୍ଥ ଏକ ବିଧାନ ସଭା ନିର୍ବାଚନମଣ୍ଡଳୀ,

(ଖ) ଏହି ଭାଗ ଅନୁଯାୟୀ ପ୍ରତି ନିର୍ବାଚକ ନାମାବଳୀର ପ୍ରସ୍ତୁତି ବା ପୁନରୀକ୍ଷଣ ସଂପର୍କରେ "ଯୋଗ୍ୟତା-ପ୍ରାପ୍ତି ତାରିଖ"ର ଅର୍ଥ ଯେଉଁ ବର୍ଷ ତାହାର ଏପରି ପ୍ରସ୍ତୁତି ବା ପୁନରୀକ୍ଷଣ ହେଉଥାଏ ସେହି ବର୍ଷର ଜାନୁଆରୀ ପହିଲା :

ପରନ୍ତୁ 1989 ବର୍ଷରେ ଏହି ଭାଗ ଅନୁଯାୟୀ ପ୍ରତ୍ୟେକ ନିର୍ବାଚକ ନାମାବଳୀର ପ୍ରସ୍ତୁତି ବା ପୁନରୀକ୍ଷଣ ସଂପର୍କରେ "ଯୋଗ୍ୟତାପ୍ରାପ୍ତି ତାରିଖ" ପହିଲା ଅପ୍ରେଲ, 1989 ହେବ ।

ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀ ।

15. ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀପାଇଁ ଗୋଟିଏ ନିର୍ବାଚକ ନାମାବଳୀ ରହିବ, ଯାହାକି ନିର୍ବାଚନ ଆୟୋଗଙ୍କ ତତ୍ତ୍ୱାବଧାନ, ନିର୍ଦ୍ଦେଶ ଓ ନିୟନ୍ତ୍ରଣରେ ଏହି ଅଧିନିୟମର ଉପବନ୍ଧ ଅନୁସାରେ ପ୍ରସ୍ତୁତ ହେବ ।

ଗୋଟିଏ ନିର୍ବାଚକ ନାମାବଳୀରେ ରେଜିଷ୍ଟ୍ରୀକରଣ ପାଇଁ ଅଯୋଗ୍ୟତା ।

16. (1) ଜଣେ ବ୍ୟକ୍ତି କୌଣସି ନିର୍ବାଚକ ନାମାବଳୀରେ ରେଜିଷ୍ଟ୍ରୀକରଣପାଇଁ ଅଯୋଗ୍ୟ ହେବେ, ଯଦି ସେ—

(କ) ଭାରତର ଜଣେ ନାଗରିକ ନ ହୋଇଥାନ୍ତି ; ବା

(ଖ) ବିକୃତ ମସ୍ତିଷ୍କ ଅଟନ୍ତି ଓ ସକ୍ଷମ ନ୍ୟାୟାଳୟ ଦ୍ୱାରା ସେପରି ଘୋଷିତ ହୋଇଥାନ୍ତି; ବା

(ଗ) ନିର୍ବାଚନ ସଂକ୍ରାନ୍ତ ଭ୍ରଷ୍ଟାଚାର ଓ ଅନ୍ୟ ଅପରାଧ ସଂପର୍କିତ ଯେକୌଣସି ବିଧିର ଉପବନ୍ଧ ଅନୁଯାୟୀ ତତ୍‌ସମୟେ ଭୋଟ ଦେବାକୁ ଅଯୋଗ୍ୟ ହୋଇଥାନ୍ତି ।

(୨) ରେଜିଷ୍ଟ୍ରୀକରଣ ଉପରେ ଯେଉଁ ବ୍ୟକ୍ତି ଏପରି ଅଯୋଗ୍ୟ ହୋଇଥିବେ ସେହି ବ୍ୟକ୍ତିଙ୍କ ନାମ ଯେଉଁ ନିର୍ବାଚକ ନାମାବଳୀରେ ଅନ୍ତର୍ଭୁକ୍ତ ହୋଇଥିବ ତହିଁରୁ ସଙ୍ଗେ ସଙ୍ଗେ କଟାଯିବ :

ପରନ୍ତୁ ଉପଧାରା (୧) ର ଖଣ୍ଡ (ଗ) ଅନୁଯାୟୀ ଅଯୋଗ୍ୟ ଥିବା କାରଣରୁ ଯେଉଁ ବ୍ୟକ୍ତିଙ୍କ ନାମ ନିର୍ବାଚକ ନାମାବଳୀରୁ କଟା ଯାଇଥିବ ଯଦି ସେହି ବ୍ୟକ୍ତିଙ୍କର ଅଯୋଗ୍ୟତା ସେହି ନାମାବଳୀ ପ୍ରବୃତ୍ତଥିବା କାଳ ମଧ୍ୟରେ ଏପରି କୌଣସି ବିଧି ଅନୁଯାୟୀ ଦୂର ହୋଇଯାଏ ଯାହାକି ସେପରି ଦୂରୀକରଣକୁ ପ୍ରାଧିକୃତ କରୁଥାଏ ତାହାହେଲେ ସେହି ବ୍ୟକ୍ତିଙ୍କ ନାମ ସଙ୍ଗେ ସଙ୍ଗେ ନିର୍ବାଚକ ନାମାବଳୀରେ ପୁନଃସ୍ଥାପିତ ହେବ ।

**ଏକାଧିକ ନିର୍ବାଚନ ମଣ୍ଡଳୀରେ କୌଣସି ବ୍ୟକ୍ତି ରେଜିଷ୍ଟ୍ରୀକୃତ ହେବ ନାହିଁ ।**

17. କୌଣସି ବ୍ୟକ୍ତି ଏକାଧିକ ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀରେ ରେଜିଷ୍ଟ୍ରୀକୃତ ହେବାକୁ ହକ୍‌ଦାର ହେବେ ନାହିଁ ।

**କୌଣସି ବ୍ୟକ୍ତି ଗୋଟିଏ ନିର୍ବାଚନ ମଣ୍ଡଳୀରେ ଏକାଧିକ ଥର ରେଜିଷ୍ଟ୍ରୀକୃତ ହେବ ନାହିଁ ।**

18. କୌଣସି ବ୍ୟକ୍ତି କୌଣସି ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀରେ ଏକାଧିକ ଥର ରେଜିଷ୍ଟ୍ରୀକୃତ ହେବାକୁ ହକ୍‌ଦାର ହେବେ ନାହିଁ ।

**ରେଜିଷ୍ଟ୍ରୀକରଣ ପାଇଁ ସର୍ତ୍ତାବଳୀ ।**

19. ଏହି ଭାଗର ପୂର୍ବଗାମୀ ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ରହି ଯେଉଁ ବ୍ୟକ୍ତି—

(କ) ଯୋଗ୍ୟତାପ୍ରାପ୍ତି ତାରିଖରେ ଅଠର ବର୍ଷରୁ କମ୍ ବୟସ ହୋଇନଥିବେ, ଓ

(ଖ) ଗୋଟିଏ ନିର୍ବାଚନମଣ୍ଡଳୀରେ ମାମୁଲି ନିବାସୀ ହୋଇଥିବେ, ସେପରି ପ୍ରତ୍ୟେକ ବ୍ୟକ୍ତି ସେହି ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀରେ ରେଜିଷ୍ଟ୍ରୀକୃତ ହେବାକୁ ହକ୍‌ଦାର ହେବେ ।

**ମାମୁଲି ନିବାସୀର ଅର୍ଥ ।**

20.(୧) କୌଣସି ବ୍ୟକ୍ତି ଗୋଟିଏ ନିର୍ବାଚନମଣ୍ଡଳୀରେ ତାଙ୍କର ବାସଗୃହ ଥିବା ବା ସେ ବାସଗୃହର ଦଖଲରେ ଥିବା କାରଣରୁ ହିଁ ତହିଁରେ ମାମୁଲି ନିବାସୀ ବୋଲି ବିବେଚିତ ହେବେ ନାହିଁ ।

(କ) କୌଣସି ବ୍ୟକ୍ତି ତାଙ୍କ ସାଧାରଣ ବାସସ୍ଥାନରୁ ଅସ୍ଥାୟୀ ଭାବେ ଅନୁପସ୍ଥିତ ଥିବାକାରଣରୁ ତହିଁରେ ମାମୁଲି ନିବାସୀ ହେବାରୁ ରହିତ ହେବେ ନାହିଁ ।

(ଖ) ସଂସଦର ବା ରାଜ୍ୟ ବିଧାନ ସଭାର ଜଣେ ସଦସ୍ୟ ସେପରି ସଦସ୍ୟ ଭାବେ ତାଙ୍କର ନିର୍ବାଚନ ସମୟରେ ଯେଉଁ ନିର୍ବାଚନମଣ୍ଡଳୀର ନିର୍ବାଚକ ନାମାବଳୀରେ ଜଣେ ନିର୍ବାଚକ ଭାବେ ରେଜିଷ୍ଟ୍ରୀକୃତ ହୋଇଥାନ୍ତି ସେହି ନିର୍ବାଚନମଣ୍ଡଳୀରୁ ସେପରି ସଦସ୍ୟ ଭାବେ ତାଙ୍କର କର୍ତ୍ତବ୍ୟ ସଂକ୍ରାନ୍ତରେ ଅନୁପସ୍ଥିତ ଥିବା କାରଣରୁ ସେ ତାଙ୍କର ପଦାବଧି ମଧ୍ୟରେ ମାମୁଲି ନିବାସୀ ହେବାରୁ ରହିତ ହେବେ ନାହିଁ ।

(୨) ମାନସିକ ଅସୁସ୍ଥତା ବା ମାନସିକ ବିକୃତି ଭୋଗୁଥିବା ବ୍ୟକ୍ତିମାନଙ୍କର ଗ୍ରହଣ ଓ ଚିକିତ୍ସାପାଇଁ ପୂର୍ଣ୍ଣତଃ ବା ମୁଖ୍ୟତଃ ଅନୁରକ୍ଷିତ କୌଣସି ସଂସ୍ଥାରେ ଯେଉଁ ବ୍ୟକ୍ତି ରୋଗୀ ଅଟନ୍ତି ବା ଯେ ଜେଲରେ ବା କୌଣସି ସ୍ଥାନରେ ଅନ୍ୟ ବିଧିବଦ୍ଧ ଅଭିରକ୍ଷାରେ ଅଟକ ଥାନ୍ତି ସେ ସେହି କାରଣ ଯୋଗୁଁ ତହିଁରେ ମାମୁଲି ନିବାସୀ ବୋଲି ବିବେଚିତ ହେବେ ନାହିଁ ।

(୩) ସେବାରତ ଥିବା କୌଣସି ବ୍ୟକ୍ତି ତାଙ୍କର ସେବା ଯୋଗ୍ୟତା ନ ଥିଲେ ଯେଉଁ ନିର୍ବାଚନ ମଣ୍ଡଳୀରେ କୌଣସି ତାରିଖରେ ସେ ମାମୁଲି ନିବାସୀ ହୋଇଥାନ୍ତେ ସେ ସେହି ତାରିଖରେ ସେହି ନିର୍ବାଚନ ମଣ୍ଡଳୀରେ ମାମୁଲି ନିବାସୀ ବୋଲି ବିବେଚିତ ହେବେ ।

(୪) ଯେଉଁ ପଦ ପ୍ରତି ଏହି ଉପଧାରାର ଉପବନ୍ଧ ପ୍ରଯୋଜ୍ୟ ବୋଲି ନିର୍ବାଚନ ଆୟୋଗଙ୍କସହ ପରାମର୍ଶକ୍ରମେ ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷିତ ହୋଇଥାଏ ସେହି ପଦରେ ଥିବା ବ୍ୟକ୍ତି ସେପରି କୌଣସି ପଦରେ ନ ଥିଲେ ଯେଉଁ ନିର୍ବାଚନ ମଣ୍ଡଳୀରେ କୌଣସି ତାରିଖରେ ମାମୁଲି ନିବାସୀ ହୋଇଥାନ୍ତେ ସେ ସେହି ତାରିଖରେ ସେହି ନିର୍ବାଚନ ମଣ୍ଡଳୀରେ ମାମୁଲି ନିବାସୀ ବୋଲି ବିବେଚିତ ହେବେ ।

(୫) ଉପଧାରା (୩) ବା ଉପଧାରା (୪) ରେ ସୂଚିତ ସେପରି କୌଣସି ବ୍ୟକ୍ତିଙ୍କର ବିହିତ ଫର୍ମରେ କରାହୋଇଥିବା ଓ ବିହିତ ରୀତିରେ ସତ୍ୟାପିତ ହୋଇଥିବା ବିବୃତି ତାଙ୍କର ସେବା ଯୋଗ୍ୟତା ନ ଥିଲେ ବା ସେ ଉପଧାରା (୪) ରେ ସୂଚିତ ସେପରି କୌଣସି ପଦରେ ନ ଥିଲେ ସେ ସେହି ତାରିଖରୁ ଏକ ବିନିର୍ଦ୍ଦିଷ୍ଟ ସ୍ଥାନରେ ମାମୁଲି ନିବାସୀ ହୋଇଥାନ୍ତେ ତାହା ତାହାର ପ୍ରତିକୂଳ ସାକ୍ଷ୍ୟର ଅଭାବରେ ସତ୍ୟ ବୋଲି ଗ୍ରହଣ କରାଯିବ ।

(6) ଉପଧାରା (3) ବା ଉପଧାରା (4)ରେ ସୂଚିତ କୌଣସି ବ୍ୟକ୍ତିଙ୍କ ପତ୍ନୀ ଯଦି ସେହି ବ୍ୟକ୍ତିଙ୍କ ସହ ମାମୁଲି ଭାବେ ବସବାସ କରୁଥାନ୍ତି ତାହାହେଲେ ସେ ଉପଧାରା (5) ଅନୁଯାୟୀ ସେପରି ବ୍ୟକ୍ତିଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରେ ମାମୁଲି ନିବାସୀ ବୋଲି ବିବେଚିତ ହେବେ ।

(7) ଯଦି କୌଣସିସ୍ଥଳେ କୌଣସି ପ୍ରାସଙ୍ଗିକ ସମୟରେ କୌଣସି ବ୍ୟକ୍ତିଙ୍କର ମାମୁଲି ନିବାସୀ ବିଷୟରେ ପ୍ରଶ୍ନ ଉଠେ ତାହାହେଲେ ସେହି ପ୍ରଶ୍ନଟି ଉକ୍ତ ବିଷୟର ସମସ୍ତ ତଥ୍ୟକୁ ଓ ନିର୍ବାଚନ ଆୟୋଗଙ୍କ ପରାମର୍ଶକ୍ରମେ କେନ୍ଦ୍ର ସରକାରଙ୍କ ଦ୍ୱାରା ଏତଦୁପଲକ୍ଷେ ପ୍ରଣୀତ ନିୟମାବଳୀକୁ ବିଚାରକୁ ନେଇ ଅବଧାରଣ କରାଯିବ ।

(8) ଉପଧାରା (3) ଓ (5)ରେ "ସେବା ଯୋଗ୍ୟତା" ଅର୍ଥ–

(କ) ସଂଘର ସଶସ୍ତ୍ର ବଳର ଜଣେ ସଦସ୍ୟ ହୋଇଥିବା, ବା

(ଖ) ରୂପଭେଦନ କରାହୋଇ ବା କରା ନ ହୋଇ ସ୍ଥଳସେନା ଅଧିନିୟମ, 1950 ର ଉପବନ୍ଧମାନ ପ୍ରଯୋଜ୍ୟ କରାହୋଇଥିବା କୌଣସି ସଶସ୍ତ୍ର ସେନାର ଜଣେ ସଦସ୍ୟ ହୋଇଥିବା, ବା

(ଗ) କୌଣସି ରାଜ୍ୟର ସଶସ୍ତ୍ର ପୋଲିସ ବଳର ଜଣେ ସଦସ୍ୟ ଥାଇ ଯେ ସେହି ରାଜ୍ୟର ବାହାରେ ସେବା କରୁଥାନ୍ତି, ବା

(ଘ) ଭାରତ ବାହାରର କୌଣସି ପଦରେ ଭାରତ ସରକାରଙ୍କ ଅଧୀନରେ ନିୟୋଜିତ ହୋଇଥିବା ଜଣେ ବ୍ୟକ୍ତି ।

ନିର୍ବାଚକ ନାମାବଳୀର ପ୍ରସ୍ତୁତି ଓ ପୁନରୀକ୍ଷଣ ।

21. (1) ପ୍ରତି ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀ ଯୋଗ୍ୟତା ପ୍ରାପ୍ତି ତାରିଖକୁ ଭିତ୍ତିକରି ବିହିତ ରୀତିରେ ପ୍ରସ୍ତୁତ ହେବ ଓ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଅନୁସାରେ ଏହା ଚୂଡ଼ାନ୍ତ ପ୍ରକାଶନ ହେବା ମାତ୍ରେ ପ୍ରବୃତ୍ତ ହେବ ।

(2) ଉକ୍ତ ନିର୍ବାଚକ ନାମାବଳୀ–

(କ) ନିର୍ବାଚନ ଆୟୋଗ କାରଣ ଅଭିଲିଖିତ କରି ଅନ୍ୟଥା ନିର୍ଦ୍ଦେଶ ନ ଦେଲେ,

(*i*) ଲୋକସଭାକୁ ବା ରାଜ୍ୟ ବିଧାନସଭାକୁ ପ୍ରତ୍ୟେକ ସାଧାରଣ ନିର୍ବାଚନ ପୂର୍ବରୁ, ଓ

(*ii*) ନିର୍ବାଚନମଣ୍ଡଳୀକୁ ଆବଣ୍ଟିତ ଆସନରେ ସାମୟିକ ଶୂନ୍ୟତା ପୂରଣ କରିବାକୁ ପ୍ରତି ଉପନିର୍ବାଚନ ପୂର୍ବରୁ ଯୋଗ୍ୟତାପ୍ରାପ୍ତ ତାରିଖକୁ ଭିତ୍ତିକରି ବିହିତ ରୀତିରେ ପୁନରୀକ୍ଷଣ ହେବ, ଏବଂ

(ଖ) ଯଦି ସେପରି ପୁନରୀକ୍ଷଣ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥାଏ ତାହାହେଲେ ଯୋଗ୍ୟତାପ୍ରାପ୍ତି ତାରିଖକୁ ଭିତ୍ତିକରି ବିହିତ ରୀତିରେ ଯେକୌଣସି ବର୍ଷ ପୁନରୀକ୍ଷଣ ହେବ :

ପରନ୍ତୁ ଯଦି ନିର୍ବାଚକ ନାମାବଳୀ ଉପରୋକ୍ତ ପ୍ରକାରେ ପୁନରୀକ୍ଷିତ ନ ହୁଏ ତେବେ ଉକ୍ତ ନିର୍ବାଚକ ନାମାବଳୀର ବୈଧତା ବା ତାହାର ନିରବଚ୍ଛିନ୍ନ କାର୍ଯ୍ୟକାରିତା ତଦ୍ଦ୍ୱାରା ପ୍ରଭାବିତ ହେବ ନାହିଁ ।

(3) ଉପଧାରା (2)ରେ ଯାହା କିଛି ଥିବା ସତ୍ତ୍ୱେ, ନିର୍ବାଚନ ଆୟୋଗ ଯେକୌଣସି ସମୟରେ କାରଣ ଅଭିଲିଖିତ କରି, ଯେକୌଣସି ନିର୍ବାଚନମଣ୍ଡଳୀ ବା ଏକ ନିର୍ବାଚନମଣ୍ଡଳୀର କୌଣସି ଭାଗ ପାଇଁ ସେ ଯେପରି ଉଚିତ ମନେ କରିବେ ସେପରି ରୀତିରେ ନିର୍ବାଚକ ନାମାବଳୀର ସ୍ୱତନ୍ତ୍ର ପୁନରୀକ୍ଷଣ ପାଇଁ ନିର୍ଦ୍ଦେଶ ଦେଇପାରିବେ :

ପରନ୍ତୁ ଏହି ଅଧିନିୟମର ଅନ୍ୟାନ୍ୟ ଉପବନ୍ଧ ପ୍ରତି ସାପେକ୍ଷ ହୋଇ, ସେପରି କୌଣସି ନିର୍ଦ୍ଦେଶ ଦିଆଯିବା ସମୟରେ ପ୍ରବୃତ୍ତ ଥିବା ପ୍ରକାରେ ସେହି ନିର୍ବାଚନ ମଣ୍ଡଳୀର ନିର୍ବାଚକ ନାମାବଳୀ ସେଭଳି ନିର୍ଦ୍ଦେଶିତ ସ୍ୱତନ୍ତ୍ର ପୁନରୀକ୍ଷଣ ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ ପ୍ରବୃତ୍ତ ହୋଇ ରହିବ ।

ନିର୍ବାଚକ ନାମାବଳୀରେ ଦରଜଗୁଡ଼ିକର ସଂଶୋଧନ ।

22. ଯଦି ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀ ଗୋଟିଏ ନିର୍ବାଚନ ମଣ୍ଡଳୀ ପାଇଁ ତାଙ୍କୁ କରାହୋଇଥିବା ଦରଖାସ୍ତ ଉପରେ ବା ସ୍ୱପ୍ରେରଣାରେ ସେ ଉପଯୁକ୍ତ ଭାବୁଥିବା ମତେ ଅନୁସନ୍ଧାନ କରି ସନ୍ତୁଷ୍ଟ ହୁଅନ୍ତି ଯେ ନିର୍ବାଚନମଣ୍ଡଳୀର ନିର୍ବାଚକ ନାମାବଳୀରେ କୌଣସି ଦରଜ:–

(କ) କୌଣସି ବିଷୟରେ ଭ୍ରମାତ୍ମକ ବା ତ୍ରୁଟିପୂର୍ଣ୍ଣ ଅଟେ,

(ଖ) ସଂପୃକ୍ତ ବ୍ୟକ୍ତି ନିର୍ବାଚନମଣ୍ଡଳୀ ମଧ୍ୟରେ ତାଙ୍କ ସାଧାରଣ ବାସସ୍ଥାନ ବଦଳାଇଥିବା ହେତୁ ନାମାବଳୀରେ ତାଙ୍କର ନାମ ଅନ୍ୟ ସ୍ଥାନକୁ ଯିବା ଉଚିତ, ବା

(ଗ) ସଂପୃକ୍ତ ବ୍ୟକ୍ତି ମରି ଯାଇଥିବା ବା ନିର୍ବାଚନ ମଣ୍ଡଳୀରେ ମାମୁଲି ନିବାସୀ ହେବାରୁ ରହିତ ହୋଇଥିବା କାରଣରୁ ବା ସେହି ନାମାବଳୀରେ ରେଜେଷ୍ଟ୍ରୀକୃତ ହେବାକୁ ଅନ୍ୟଥା ସକ୍ଷମ ନ ହୋଇଥିବା କାରଣରୁ ଲୋପ କରାଯିବା ଉଚିତ ।

ତାହାହେଲେ ନିର୍ବାଚନ ରେଜିଷ୍ଟ୍ରୀକରଣ ଅଧିକାରୀ, ନିର୍ବାଚନ ଆୟୋଗ ଏତଦୁପଲକ୍ଷେ ଯଦି ସେପରି କିଛି ସାଧାରଣ ବା ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇ ପାରନ୍ତି ତେବେ ତାହା ପ୍ରତି ସାପେକ୍ଷ ହୋଇ ସେହି ଦରଜକୁ ସଂଶୋଧନ କରିବେ, ବଦଳାଇବେ ବା ଲୋପ କରିବେ :

ପରନ୍ତୁ ଖଣ୍ଡ (କ) ବା ଖଣ୍ଡ (ଖ) ଅନୁଯାୟୀ କୌଣସି କାରଣ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ବା ଖଣ୍ଡ (ଗ) ଅନୁଯାୟୀ ସଂପୃକ୍ତ ବ୍ୟକ୍ତି ନିର୍ବାଚନମଣ୍ଡଳୀରେ ମାମୁଲି ନିବାସୀ ହେବାରୁ ବିରତ ହୋଇଥିବା ବା ସେହି ନିର୍ବାଚନ-ମଣ୍ଡଳୀର ନିର୍ବାଚକ ନାମାବଳୀରେ ରେଜିଷ୍ଟ୍ରୀକୃତ ହେବାକୁ ଅନ୍ୟଥା ସକ୍ଷମ ନ ଥିବା କାରଣ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀ ସଂପୃକ୍ତ **ବ୍ୟକ୍ତିଙ୍କୁ** ତାଙ୍କ ସମ୍ବନ୍ଧରେ ହେବାକୁ ଥିବା ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ଶୁଣାଣି ପାଇଁ ଯୁକ୍ତିଯୁକ୍ତ ସୁବିଧା ଦେବେ ।

ନିର୍ବାଚକ ନାମାବଳୀରେ ନାମ ଅନ୍ତର୍ଭୁକ୍ତ କରିବା ।

**23.** (1) କୌଣସି ନିର୍ବାଚନମଣ୍ଡଳୀର ନିର୍ବାଚକ ନାମାବଳୀରେ ନିଜର ନାମ ଅନ୍ତର୍ଭୁକ୍ତ ହୋଇ ନ ଥିବା କୌଣସି ବ୍ୟକ୍ତି ସେହି ନାମାବଳୀରେ ତାଙ୍କର ନାମ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀଙ୍କୁ ଦରଖାସ୍ତ କରିପାରିବେ ।

(2) ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀ ଯଦି ସନ୍ତୁଷ୍ଟ ହୁଅନ୍ତି ଯେ ଦରଖାସ୍ତକାରୀ ନିର୍ବାଚକ ନାମାବଳୀରେ ରେଜିଷ୍ଟ୍ରୀକୃତ ହେବାକୁ ହକ୍‌ଦାର ଅଟନ୍ତି ତାହାହେଲେ ତାଙ୍କ ନାମ ତହିଁରେ ଅନ୍ତର୍ଭୁକ୍ତ କରିବାପାଇଁ ନିର୍ଦ୍ଦେଶ ଦେବେ :

ପରନ୍ତୁ ଯଦି ଦରଖାସ୍ତକାରୀ ଅନ୍ୟ କୌଣସି ନିର୍ବାଚକ ମଣ୍ଡଳୀର ନିର୍ବାଚକ ନାମାବଳୀରେ ରେଜିଷ୍ଟ୍ରୀକୃତ ହୋଇଥାନ୍ତି ତାହାହେଲେ ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀ ସେହି ଅନ୍ୟ ନିର୍ବାଚନ ମଣ୍ଡଳୀର ନିର୍ବାଚକ ରେଜେଷ୍ଟ୍ରୀକରଣ ଅଧିକାରୀଙ୍କୁ ଏହା ଜଣାଇବେ ଓ ସେହି ଅଧିକାରୀ ସେହି ସୂଚନା ପାଇବା ପରେ ସେହି ନାମାବଳୀରୁ ଦରଖାସ୍ତକାରୀଙ୍କ ନାମ କାଟି ଦେବେ ।

(3) କୌଣସି ନିର୍ବାଚନମଣ୍ଡଳୀରେ ବା ସେହି ନିର୍ବାଚନମଣ୍ଡଳୀ ଯେଉଁ ସଂସଦୀୟ ନିର୍ବାଚନ-ମଣ୍ଡଳୀରେ ଅନ୍ତର୍ଭୁକ୍ତ ତହିଁରେ ନିର୍ବାଚନପାଇଁ ମନୋନୀତ କରିବା ସକାଶେ ଥିବା ଶେଷ ତାରିଖ ପରେ ଓ ସେହି ନିର୍ବାଚନ ଶେଷ ହେବା ପୂର୍ବରୁ ଧାରା 22 ଅନୁଯାୟୀ କୌଣସି ଦରଜର ସଂଶୋଧନ, ସ୍ଥାନ ବଦଳ ବା ଲୋପ କରାଯିବ ନାହିଁ ଓ ଏହି ଧାରା ଅନୁଯାୟୀ ସେହି ନିର୍ବାଚନମଣ୍ଡଳୀର ନିର୍ବାଚକ ନାମାବଳୀରେ ନାମ ଅନ୍ତର୍ଭୁକ୍ତ କରିବାପାଇଁ ନିର୍ଦ୍ଦେଶ ଦିଆଯିବ ନାହିଁ ।

ଅପିଲ

24. ଯେପରି ବିହିତ ହୋଇପାରେ ସେପରି ସମୟ ମଧ୍ୟରେ ଓ ସେପରି ରୀତିରେ ଏକ ଅପିଲ—

(କ) ଧାରା 22 ବା ଧାରା 23 ଅନୁଯାୟୀ ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀଙ୍କର କୌଣସି ଆଦେଶ ବିରୁଦ୍ଧରେ ମୁଖ୍ୟ ନିର୍ବାଚକ ଅଧିକାରୀଙ୍କ ନିକଟରେ ଉପସ୍ଥାପିତ ହେବ ।

ଦରଖାସ୍ତ ଓ ଅପିଲ ପାଇଁ ଫିସ୍ ।

25. ଧାରା 22 ବା ଧାରା 23 ପ୍ରତ୍ୟେକ ଦରଖାସ୍ତ ଓ ଧାରା 24 ପ୍ରତ୍ୟେକ ଅପିଲ ବିହିତ ଫିସ୍ ସହ ଦିଆଯିବ ଯାହାକି କୌଣସି କ୍ଷେତ୍ରରେ ମଧ୍ୟ ଫେରସ୍ତ ହେବ ନାହିଁ ।

ସିକିମ୍‌ର ସଂଘ ନିର୍ବାଚନ ମଣ୍ଡଳୀରେ ନିର୍ବାଚକ ରୂପେ ରେଜିଷ୍ଟ୍ରୀ-କରଣର ସର୍ତ୍ତାବଳୀ ।

25.-କ. ଧାରା 15 ଓ 19 ରେ ଯାହାକିଛି ଥିବା ସତ୍ତ୍ୱେ, ସିକିମ୍ ରାଜ୍ୟର ସଂଘ ନିର୍ବାଚନମଣ୍ଡଳୀ ପାଇଁ, ସିକିମ୍ ରାଜ୍ୟରେ ବିଧାନ ସଭା ଗଠନ କରିବାକୁ 1974 ଅପ୍ରେଲରେ ହୋଇଥିବା ନିର୍ବାଚନ ଉଦ୍ଦେଶ୍ୟରେ ସ୍ୱୀକୃତିପ୍ରାପ୍ତ ମଠ ଅନ୍ତର୍ଭୁକ୍ତ ସଂଘମାନ କେବଳ ନିର୍ବାଚନ ନାମାବଳୀରେ ରେଜିଷ୍ଟ୍ରୀଭୁକ୍ତ ହେବାକୁ ହକ୍‌ଦାର ହେବେ ଏବଂ ଧାରା 21ରୁ ଧାରା 25 ର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ହୋଇ ଉକ୍ତ ନିର୍ବାଚନ ନାମାବଳୀ ସିକିମ୍ ସରକାରଙ୍କ ସହ ପରାମର୍ଶ କ୍ରମେ ନିର୍ବାଚନ ଆୟୋଗ ଯେପରି ନିର୍ଦ୍ଦେଶ ଦେବେ ସେପରି ରୀତିରେ ପ୍ରସ୍ତୁତ ବା ପୁନରୀକ୍ଷିତ ହେବ ।

## ଭାଗ IV

### ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀ

26. ନିରସିତ ।

ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀର ପ୍ରସ୍ତୁତି ।

27.(1) ଏହି ଧାରାରେ "ସ୍ଥାନୀୟ ପ୍ରାଧିକାରୀ ନିର୍ବାଚନମଣ୍ଡଳୀ", "ସ୍ନାତକ ନିର୍ବାଚନମଣ୍ଡଳୀ" ଓ "ଶିକ୍ଷକ ନିର୍ବାଚନ ମଣ୍ଡଳୀ"ର ଅର୍ଥ ଅନୁଚ୍ଛେଦ 171ର ଖଣ୍ଡ (3)ର ଯଥାକ୍ରମେ ଉପଖଣ୍ଡ (କ), ଉପଖଣ୍ଡ (ଖ) ଓ ଉପଖଣ୍ଡ (ଗ) ଅନୁଯାୟୀ ବିଧାନ ପରିଷଦକୁ ନିର୍ବାଚନ ପାଇଁ ନିର୍ବାଚନ ମଣ୍ଡଳୀ ।

(2) କୌଣସି ସ୍ଥାନୀୟ ପ୍ରାଧିକାରୀ ନିର୍ବାଚନ ମଣ୍ଡଳୀରେ କୌଣସି ରାଜ୍ୟର ବିଧାନ ପରିଷଦର ନିର୍ବାଚନ ପାଇଁ—

(କ) ଚତୁର୍ଥ ଅନୁସୂଚୀରେ ସେହି ରାଜ୍ୟ ସଂପର୍କରେ ବିନିର୍ଦ୍ଦିଷ୍ଟ ହୋଇଥିବା ପ୍ରକାରେ ସେହି ନିର୍ବାଚନମଣ୍ଡଳୀର ସୀମା ମଧ୍ୟସ୍ଥ କୌଣସି ସ୍ଥାନ ବା କ୍ଷେତ୍ରରେ ଅଧିକାରିତା ପ୍ରୟୋଗ କରୁଥିବା ସେପରି ସ୍ଥାନୀୟ ପ୍ରାଧିକାରୀ-ମାନଙ୍କର ସଦସ୍ୟମାନଙ୍କୁ ନେଇ ନିର୍ବାଚକ ମଣ୍ଡଳୀ ଗଠିତ ହେବ;

(ଖ) ସ୍ଥାନୀୟ ପ୍ରାଧିକାରୀ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ସେପରି ପ୍ରତ୍ୟେକ ସ୍ଥାନୀୟ ପ୍ରାଧିକାରୀର ପ୍ରତ୍ୟେକ ସଦସ୍ୟ ସେହି ନିର୍ବାଚନ ମଣ୍ଡଳୀର ନିର୍ବାଚକ ନାମାବଳୀରେ ରେଜିଷ୍ଟ୍ରୀକୃତ ହେବାକୁ ହକ୍‌ଦାର ହେବେ;

(ଗ) ପ୍ରତ୍ୟେକ ସ୍ଥାନୀୟ ପ୍ରାଧିକାରୀ ନିର୍ବାଚନମଣ୍ଡଳୀ ପାଇଁ ଥିବା ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀ ବିହିତ ରୀତିରେ ଓ ଫର୍ମରେ ସେହି ନିର୍ବାଚନମଣ୍ଡଳୀ ପାଇଁ ଅଦ୍ୟତନ ସଂଶୋଧିତ ନିର୍ବାଚକ ନାମାବଳୀ ତାଙ୍କ କାର୍ଯ୍ୟାଳୟରେ ରଖିବେ;

(ଘ) ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀଙ୍କୁ ଅଦ୍ୟତନ ସଂଶୋଧିତ ନିର୍ବାଚକ ନାମାବଳୀ ରଖିବାରେ ସକ୍ଷମ କରିବା ପାଇଁ ପ୍ରତ୍ୟେକ ସ୍ଥାନୀୟ ପ୍ରାଧିକାରୀଙ୍କର ମୁଖ୍ୟ ନିଷ୍ପାଦକ ଅଧିକାରୀ (ସେପରି ଅଧିକାରୀ ଯେଉଁ ନାମରେ ନାମିତ ହୁଅନ୍ତୁ ପଛକେ) ସଙ୍ଗେ ସଙ୍ଗେ ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀଙ୍କୁ ସେହି ସ୍ଥାନୀୟ ସଂସ୍ଥାର ସଦସ୍ୟତାରେ ହୋଇଥିବା ପ୍ରତ୍ୟେକ ପରିବର୍ତ୍ତନ ଜଣାଇବେ ଓ ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀ ସୂଚନା ପାଇଁ ସଦସ୍ୟଗଣରୁ ରହିତ ହୋଇଥିବା ବ୍ୟକ୍ତିମାନଙ୍କ ନାମ ନିର୍ବାଚକ ନାମାବଳୀରୁ କାଟି ଦେବେ ଓ ସେହି ସ୍ଥାନୀୟ ପ୍ରାଧିକାରୀର ସଦସ୍ୟ ହୋଇଥିବା ବ୍ୟକ୍ତିଙ୍କ ନାମ ତହିଁରେ ଅନ୍ତର୍ଭୁକ୍ତ କରିବେ; ଓ

(ଙ) ଧାରା 15, 16, 18, 22 ଓ 23 ର ଉପବନ୍ଧମାନ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରତି ପ୍ରଯୋଜ୍ୟ ହେବା ପ୍ରକାରେ ସେ ସବୁ ସ୍ଥାନୀୟ ପ୍ରାଧିକାରୀ ନିର୍ବାଚନମଣ୍ଡଳୀକୁ ପ୍ରଯୋଜ୍ୟ ହେବ ।

(3) ସ୍ନାତକ ନିର୍ବାଚନମଣ୍ଡଳୀ ଓ ଶିକ୍ଷକ ନିର୍ବାଚନମଣ୍ଡଳୀରେ କୌଣସି ରାଜ୍ୟର ବିଧାନ ପରିଷଦକୁ ନିର୍ବାଚନ ଉଦ୍ଦେଶ୍ୟରେ ସଂପୃକ୍ତ ରାଜ୍ୟ ସରକାର ନିର୍ବାଚନ ଆୟୋଗଙ୍କ ସହମତିରେ ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ନିମ୍ନ ବିଷୟ ବିନିର୍ଦ୍ଦିଷ୍ଟ କରିପାରିବେ—

(କ) ଭାରତର ରାଜ୍ୟକ୍ଷେତ୍ରରେ ଗୋଟିଏ ବିଶ୍ୱବିଦ୍ୟାଳୟର ଗୋଟିଏ ସ୍ନାତକଙ୍କର ଯୋଗ୍ୟତା ସହ କେଉଁ ଯୋଗ୍ୟତା ସମାନ ବୋଲି ବିବେଚିତ ହେବ ; ଓ

(ଖ) ଗୋଟିଏ ମାଧ୍ୟମିକ ବିଦ୍ୟାଳୟଠାରୁ ମାନରେ ନ୍ୟୂନ ହୋଇନଥିବା ରାଜ୍ୟ ମଧ୍ୟରେ ଥିବା ଶିକ୍ଷା ବିଷୟକ ସଂସ୍ଥାମାନ ।

(4) ଧାରା 15, 16, 18, 21, 22 ଓ 23 ର ଉପବନ୍ଧମାନ ବିଧାନସଭା ନିର୍ବାଚନମଣ୍ଡଳୀକୁ ପ୍ରଯୋଜ୍ୟ ହେବା ପ୍ରକାରେ ସେସବୁ ସ୍ନାତକ ନିର୍ବାଚନମଣ୍ଡଳୀ ଓ ଶିକ୍ଷକ ନିର୍ବାଚନମଣ୍ଡଳୀ ସଂପର୍କରେ ପ୍ରଯୋଜ୍ୟ ହେବ;

(5) ଏହି ଧାରାର ପୂର୍ବଗାମୀ ଉପବନ୍ଧମାନଙ୍କ ପ୍ରତି ସାପେକ୍ଷ ହୋଇ—

(କ) ପ୍ରତ୍ୟେକ ବ୍ୟକ୍ତି, ଯେକି ଗୋଟିଏ ସ୍ନାତକ ନିର୍ବାଚନମଣ୍ଡଳୀରେ ମାମୁଲି ନିବାସୀ ଅଟନ୍ତି ଓ ଅନ୍ତତଃ ପକ୍ଷେ ଯୋଗ୍ୟତା ପ୍ରାପ୍ତି ତାରିଖର ତିନିବର୍ଷ ପୂର୍ବରୁ ଭାରତର ରାଜ୍ୟକ୍ଷେତ୍ରରେ ଥିବା କୌଣସି ବିଶ୍ୱବିଦ୍ୟାଳୟର ସ୍ନାତକ ହୋଇଥିବେ ବା ସଂପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଉପଧାରା (3) ର ଖଣ୍ଡ (କ) ଅନୁଯାୟୀ ବିହିତ ହୋଇଥିବା କୌଣସି ଯୋଗ୍ୟତା ହାସଲ କରିଥିବେ ସେ ସେହି ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ନାମାବଳୀରେ ରେଜିଷ୍ଟ୍ରୀକୃତ ହେବାକୁ ହକ୍‌ଦାର ହେବେ; ଓ

(ଖ) ପ୍ରତ୍ୟେକ ବ୍ୟକ୍ତି ଯେକି ଗୋଟିଏ ଶିକ୍ଷକ ନିର୍ବାଚନମଣ୍ଡଳୀରେ ମାମୁଲି ନିବାସୀ ଅଟନ୍ତି ଓ ଯୋଗ୍ୟତା ପ୍ରାପ୍ତି ତାରିଖର ଅବ୍ୟବହିତ ପୂର୍ବରୁ ଛ' ବର୍ଷ ମଧ୍ୟରେ ଅନ୍ତତଃ ପକ୍ଷେ ମୋଟାମୋଟି ତିନିବର୍ଷ କାଳ ପାଇଁ ସଂପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଉପଧାରା (3)ର ଖଣ୍ଡ (ଖ) ଅନୁଯାୟୀ ବିନିର୍ଦ୍ଦିଷ୍ଟ କରାହୋଇଥିବା କୌଣସି ଶିକ୍ଷାନୁଷ୍ଠାନରେ ଶିକ୍ଷା ଦାନରେ ନିଯୁକ୍ତ ଥିବେ ସେ ସେହି ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀରେ ରେଜିଷ୍ଟ୍ରୀକୃତ ହେବାକୁ ହକ୍‌ଦାର ହେବେ ।

(6) ଉପଧାରା (4) ଓ (5) ର ଉଦ୍ଦେଶ୍ୟ ପାଇଁ ଯେଉଁ ବର୍ଷ ନିର୍ବାଚକ ନାମାବଳୀର ପ୍ରସ୍ତୁତି ଓ ପୁନରୀକ୍ଷଣ ଆରମ୍ଭ ହୁଏ ସେହି ବର୍ଷର ନଭେମ୍ବର ପହିଲା ଯୋଗ୍ୟତା ପ୍ରାପ୍ତି ତାରିଖ ହେବ ।

## ଭାଗ-କ

### ରାଜ୍ୟର ବିଧାନ ପରିଷଦରେ ସଂଘ ରାଜ୍ୟକ୍ଷେତ୍ରମାନଙ୍କର ପ୍ରତିନିଧିମାନଙ୍କଦ୍ୱାରା ପୂରଣ ହେବାକୁଥିବା ଆସନଗୁଡ଼ିକର ପୂରଣ କରାଯିବା ରୀତି

ରାଜ୍ୟ ସଭାରେ ସଂଘ ରାଜ୍ୟ-କ୍ଷେତ୍ରମାନଙ୍କୁ ଆବଣ୍ଟିତ ଆସନ ପୂରଣ ପାଇଁ ନିର୍ବାଚକ ମଣ୍ଡଳ ଗଠନ ।

27-କ. (1) ସମ୍ବିଧାନର ଚତୁର୍ଥ ଅନୁସୂଚୀରେ ରାଜ୍ୟ ସଭାରେ କୌଣସି ସଂଘ ରାଜ୍ୟ କ୍ଷେତ୍ରକୁ ଆବଣ୍ଟିତ ଆସନ ବା ଆସନମାନ ପୂରଣ କରିବା ଉଦ୍ଦେଶ୍ୟରେ ସେପରି ପ୍ରତ୍ୟେକ ରାଜ୍ୟକ୍ଷେତ୍ର ପାଇଁ ଗୋଟିଏ ନିର୍ବାଚକ ମଣ୍ଡଳ ରହିବ ।

(2) * * * * *

(3) ଦିଲ୍ଲୀର ସଂଘ ରାଜ୍ୟକ୍ଷେତ୍ର ଲାଗି ନିର୍ବାଚକ ମଣ୍ଡଳ, ଦିଲ୍ଲୀ ପ୍ରଶାସନ ଅଧିନିୟମ, 1966 (1966 ର 19) ଅନୁଯାୟୀ ସେହି ରାଜ୍ୟକ୍ଷେତ୍ର ପାଇଁ ଗଠିତ ମହାନଗର ପରିଷଦକୁ ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ ।

(4) ହିମାଚଳ ପ୍ରଦେଶ, ମଣିପୁର, ତ୍ରିପୁରା ଓ ପଣ୍ଡିଚେରୀ ସଂଘ ରାଜ୍ୟ କ୍ଷେତ୍ର ମଧ୍ୟରୁ ପ୍ରତ୍ୟେକଟି ପାଇଁ ନିର୍ବାଚକ ମଣ୍ଡଳ ସଂଘ ରାଜ୍ୟକ୍ଷେତ୍ର ଶାସନ ଅଧିନିୟମ, 1963 ( 1963 ର 20 ) ଅନୁଯାୟୀ ସେହି ରାଜ୍ୟକ୍ଷେତ୍ର ପାଇଁ ଗଠିତ ବିଧାନସଭାର ନିର୍ବାଚିତ ସଦସ୍ୟଙ୍କୁ ନେଇ ଗଠିତ ହେବ ।

27-ଖ. ନିରସିତ

27-ଗ. ନିରସିତ

27-ଘ. ନିରସିତ

27-ଙ. ନିରସିତ

27-ଚ. ନିରସିତ

କେତେକ ଅଯୋଗ୍ୟତା ପାଇଁ ନିର୍ବାଚକ ମଣ୍ଡଳର ସଦସ୍ୟତାର ଆବସାନ ।

27-ଛ. ଯଦି ଗୋଟିଏ ନିର୍ବାଚକ ମଣ୍ଡଳର ସଦସ୍ୟଥିବା ଜଣେ ବ୍ୟକ୍ତି ସଂସଦକୁ ନିର୍ବାଚନ ସଂପର୍କରେ ଦୁର୍ନୀତି ଓ ଅବୈଧ ଆଚରଣ ଏବଂ ଅନ୍ୟ ଅପରାଧ ସଂକ୍ରାନ୍ତୀୟ କୌଣସି ବିଧିର ଉପବନ୍ଧ ଅନୁଯାୟୀ ସଂସଦର ସଦସ୍ୟତା ପାଇଁ କୌଣସି ଅଯୋଗ୍ୟତା ପ୍ରତି ସାପେକ୍ଷ ହୁଅନ୍ତି ତାହାହେଲେ ସେ ଅବିଳମ୍ବେ ନିର୍ବାଚକ ମଣ୍ଡଳର ସେପରି ସଦସ୍ୟ ହେବାରୁ ରହିତ ହେବେ ।

ସଂଘ ରାଜ୍ୟ-କ୍ଷେତ୍ରକୁ ରାଜ୍ୟସଭାରେ ଆବଣ୍ଟିତ ଆସନପୂରଣ କରାଯିବାର ରୀତି ।

27-ଜ. ସମ୍ବିଧାନର ଚତୁର୍ଥ ଅନୁସୂଚୀରେ ରାଜ୍ୟ ସଭାରେ କୌଣସି ସଂଘ ରାଜ୍ୟକ୍ଷେତ୍ରକୁ ଆବଣ୍ଟିତ ଆସନ ବା ଆସନମାନ ଏକକ ସଂକ୍ରମଣୀୟ ଭୋଟ ଦ୍ୱାରା ଆନୁପାତିକ ପ୍ରତିନିଧିତ୍ୱ ପଦ୍ଧତି ଅନୁସାରେ ସେହି ରାଜ୍ୟ କ୍ଷେତ୍ରର ନିର୍ବାଚକ ମଣ୍ଡଳର ସଦସ୍ୟଙ୍କ ଦ୍ୱାରା ନିର୍ବାଚିତ ବ୍ୟକ୍ତି ବା ବ୍ୟକ୍ତିମାନଙ୍କୁ ନେଇ ପୂରଣ କରାହେବ :

ପରନ୍ତୁ ଯେଉଁ ବ୍ୟକ୍ତିଙ୍କୁ ନେଇ ସମ୍ବିଧାନ ( ସପ୍ତମ ସଂଶୋଧନ ) ଅଧିନିୟମ, 1956 ର ପ୍ରାରମ୍ଭର ଅବ୍ୟବହିତ ପୂର୍ବେ ମଣିପୁର ଓ ତ୍ରିପୁରାର ଭାଗ 'ଗ' ରାଜ୍ୟକୁ ଆବଣ୍ଟିତ ଆସନ ପୂରଣ ହେଉଥିବ ତାହାଙ୍କୁ ନେଇ ସେପରି ପ୍ରାରମ୍ଭଠାରୁ ତ୍ରିପୁରାର ସଂଘ ରାଜ୍ୟକ୍ଷେତ୍ରକୁ ଆବଣ୍ଟିତ ଆସନ ପୂରଣ ହେବାକୁ ଯଥାବିଧି ସେ ନିର୍ବାଚିତ ହୋଇ ଅଛନ୍ତି ବୋଲି ବିବେଚିତ ହେବେ ।

27-ଝ. ନିରସିତ ।

ନିର୍ବାଚକ ମଣ୍ଡଳରେ ଖାଲିସ୍ଥାନ ଥିବା ସତ୍ତ୍ୱେ ନିର୍ବାଚନ କରିବାକୁ ନିର୍ବାଚକ ମଣ୍ଡଳର କ୍ଷମତା ।

27-ଙ. ନିର୍ବାଚକ ମଣ୍ଡଳର ସଦସ୍ୟତାରେ କେବଳ କୌଣସି ଖାଲିସ୍ଥାନ ଥିବା କାରଣରୁ ଏହି ଅଧିନିୟମ ଅନୁଯାୟୀ ସେହି ମଣ୍ଡଳର ସଦସ୍ୟମାନଙ୍କ ଦ୍ୱାରା ହୋଇଥିବା କୌଣସି ନିର୍ବାଚନ ବିଷୟରେ ପ୍ରଶ୍ନ କରାଯିବ ନାହିଁ ।

27-ଚ. ନିରସିତ ।

## ଭାଗ V

### ସାଧାରଣ

ନିୟମ ପ୍ରଣୟନ କରିବା କ୍ଷମତା ।

28. (1) କେନ୍ଦ୍ର ସରକାର ନିର୍ବାଚନ ଆୟୋଗଙ୍କ ସହ ପରାମର୍ଶପରେ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ଉଦ୍ଦେଶ୍ୟ କାର୍ଯ୍ୟକାରୀ କରିବା ପାଇଁ ନିୟମାବଳୀ ପ୍ରଣୟନ କରିପାରିବେ ।

(2) ବିଶେଷତଃ ଓ ପୂର୍ବୋକ୍ତ କ୍ଷମତାର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ସେପରି ନିୟମାବଳୀ ନିମ୍ନ ସମସ୍ତ ବା ଯେକୌଣସି ବିଷୟ ପାଇଁ ଉପବନ୍ଧ କରିପାରିବ :—

(କ) ଧାରା 20 ର ଉପଧାରା (7) ଅଧୀନ ମାମୁଲୀ ନିବାସର ଅବଧାରଣ;

(କକ) ନିର୍ବାଚକ ନାମାବଳୀରେ ଲେଖାଯିବା ବିଶେଷ ବିବରଣୀମାନ;

(ଖ) ନିର୍ବାଚକ ନାମାବଳୀର ପ୍ରାରମ୍ଭିକ ପ୍ରକାଶନ;

(ଗ) ନିର୍ବାଚକ ନାମାବଳୀର ଦରଜ ସମ୍ବନ୍ଧେ ଦାବି ଓ ଆପତ୍ତି କେଉଁ ରୀତିରେ ଓ କେଉଁ ସମୟ ମଧ୍ୟରେ ଦାଏର ହୋଇପାରିବ;

(ଘ) * * * *

(ଙ) ଦାବି ବା ଆପତ୍ତିର ନୋଟିସ କେଉଁ ରୀତିରେ ପ୍ରକାଶିତ ହେବ;

(ଚ) ଦାବି ବା ଆପତ୍ତିର କେଉଁ ସ୍ଥାନରେ କେଉଁ ତାରିଖରେ ଓ କେଉଁ ସମୟ ମଧ୍ୟରେ ଶୁଣାଣି ହେବ ଓ ଦାବି ବା ଆପତ୍ତିର କେଉଁ ରୀତିରେ ଶୁଣାଣି ହେବ ଓ ଫଏସଲା ହେବ;

(ଛ) ନିର୍ବାଚକ ନାମାବଳୀର ଚୂଡ଼ାନ୍ତ ପ୍ରକାଶନ;

(ଜ) ନିର୍ବାଚକ ନାମାବଳୀର ପୁନରୀକ୍ଷଣ ଓ ସଂଶୋଧନ ଓ ତହିଁରେ ନାମ ଅନ୍ତର୍ଭୁକ୍ତ କରିବା;

(ଝ) ଏହି ଅଧିନିୟମ ଦ୍ୱାରା ବିହିତ ହେବାକୁ ଆବଶ୍ୟକ ଥିବା ଅନ୍ୟ କୌଣସି ବିଷୟ ।

(3) ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ପ୍ରତ୍ୟେକ ନିୟମ ତାହା ପ୍ରଣୀତ ହେବାପରେ ଯଥାଶୀଘ୍ର ସଂସଦର ପ୍ରତ୍ୟେକ ଗୃହରେ ତାହା ଅଧିବେଶନରେ ଥିବାବେଳେ ଗୋଟିଏ ଅଧିବେଶନ ବା ଦୁଇଟି ବା ତତୋଽଧିକ କ୍ରମାଗତ ଅଧିବେଶନରେ ଅନ୍ତର୍ଭୁକ୍ତ ହୋଇପାରିବା ମୋଟ ତିରିଶଦିନ କାଳାବଧି ପାଇଁ ଉପସ୍ଥାପିତ ହେବ ଓ ଯଦି ଏହା ସେପରି ଭାବେ ଉପସ୍ଥାପିତ ହୋଇଥିବା ଅଧିବେଶନର ବା କ୍ରମାଗତ ଅଧିବେଶନର ଠିକ୍ ପରବର୍ତ୍ତୀ ଅଧିବେଶନ ସମାପ୍ତି ପୂର୍ବରୁ ଉଭୟ ଗୃହ ସମ୍ମତ ହୁଅନ୍ତି ଯେ ନିୟମଟି ରୂପଭେଦିତ ବା ବାତିଲ ହେବା ଉଚିତ ତାହାହେଲେ ଉକ୍ତ ନିୟମଟି ତାହାପରେ, ଯଥାସ୍ଥିତି, କେବଳ ସେପରି ରୂପଭେଦିତ ପ୍ରକାରେ ପ୍ରଭାବୀ ହେବ ବା ପ୍ରଭାବୀ ହେବ ନାହିଁ, ଅବଶ୍ୟ ସେପରି କୌଣସି ରୂପଭେଦନ ବା ବାତିଲକରଣ ସେହି ନିୟମ ଅନୁଯାୟୀ ପୂର୍ବରୁ କରାଯାଇଥିବା କୌଣସି ବିଷୟର ବୈଧତା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।

ସ୍ଥାନୀୟ ପ୍ରାଧିକାରୀଙ୍କର କର୍ମଚାରୀବୃନ୍ଦ ଦେବା ।

29. ଗୋଟିଏ ରାଜ୍ୟରେ ପ୍ରତ୍ୟେକ ସ୍ଥାନୀୟ ପ୍ରାଧିକାରୀ ଯେତେବେଳେ ରାଜ୍ୟର ମୁଖ୍ୟ ନିର୍ବାଚକ ଅଧିକାରୀଙ୍କଠାରୁ ସେପରି ଅନୁରୋଧ ପାଇବେ ସେତେବେଳେ ନିର୍ବାଚକ ନାମାବଳୀର ପ୍ରସ୍ତୁତି ଓ ପୁନରୀକ୍ଷଣ ସଂକ୍ରାନ୍ତରେ କୌଣସି କର୍ତ୍ତବ୍ୟ ସଂପାଦନ ପାଇଁ ଯେପରି ଆବଶ୍ୟକ ହେଉଥିବ ସେପରି କର୍ମଚାରୀବୃନ୍ଦଙ୍କୁ କୌଣସି ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀଙ୍କୁ ଦିଆଇବେ ।

ସିଭିଲ ନ୍ୟାୟାଳୟର ଅଧିକାରିତା କାରଣ ।

30. କୌଣସି ସିଭିଲ ନ୍ୟାୟାଳୟର ନିମ୍ନ ବିଷୟରେ ଅଧିକାରିତା ରହିବ ନାହିଁ :—

(କ) କୌଣସି ବ୍ୟକ୍ତି ଏକ ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚକ ନାମାବଳୀରେ ରେଜିଷ୍ଟ୍ରୀକୃତ ହେବାକୁ ହକ୍‌ଦାର କି ନାହିଁ ସେହି ବିଷୟକ କୌଣସି ପ୍ରଶ୍ନର ଗ୍ରହଣ କରିବା ବା ନ୍ୟାୟାନିର୍ଣ୍ଣୟ କରିବା; ବା

(ଖ) କୌଣସି ନିର୍ବାଚକ ରେଜିଷ୍ଟ୍ରୀକରଣ ଅଧିକାରୀଙ୍କ ଦ୍ୱାରା ବା ତାଙ୍କ ପ୍ରାଧିକାର ଅଧୀନରେ କରାଯାଇଥିବା କୌଣସି କାର୍ଯ୍ୟାନୁଷ୍ଠାନର କିମ୍ବା ସେପରି କୌଣସି ନାମାବଳୀର ପୁନରୀକ୍ଷଣ ପାଇଁ ଏହି ଅଧିନିୟମ ଅନୁଯାୟୀ ନିଯୁକ୍ତ କୌଣସି ପ୍ରାଧିକାରୀଙ୍କ ଦ୍ୱାରା ଦିଆହୋଇଥିବା କୌଣସି ନିଷ୍ପତ୍ତିର ବୈଧ୍ୟତା ବିଷୟରେ ପ୍ରଶ୍ନ କରିବା ।

ମିଥ୍ୟା ଘୋଷଣା କରିବା ।

31. ଯଦି କୌଣସି ବ୍ୟକ୍ତି—

(କ) କୌଣସି ନିର୍ବାଚନ ନାମାବଳୀର ପ୍ରସ୍ତୁତି, ପୁନରୀକ୍ଷଣ ବା ସଂଶୋଧନ କିମ୍ବା

(ଖ) କୌଣସି ନିର୍ବାଚକ ନାମାବଳୀରେ କୌଣସି ଦରଜ ଅନ୍ତର୍ଭୁକ୍ତ କରିବା ବା ବାଦ ଦେବା ବିଷୟରେ ମିଥ୍ୟା ହୋଇଥିବା ବା ମିଥ୍ୟାବୋଲି ସେ ଜାଣିଥିବା ବା ବିଶ୍ୱାସ କରୁଥିବା ବା ସତ୍ୟ ବୋଲି ବିଶ୍ୱାସ କରୁ ନଥିବା କୌଣସି ବିବରଣୀ ବା ଘୋଷଣା ଲିଖିତ ଆକାରରେ କରନ୍ତି ତାହାହେଲେ ସେ ଏକବର୍ଷ ପର୍ଯ୍ୟନ୍ତ କାରାବାସରେ ବା ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

ନିର୍ବାଚକ ନାମାବଳୀର ପ୍ରସ୍ତୁତି ଆଦି ସଂକ୍ରାନ୍ତରେ ପଦୀୟ କର୍ତ୍ତବ୍ୟର ଭଙ୍ଗ ।

32. (1) ଯଦି କୌଣସି ରେଜିଷ୍ଟ୍ରୀକରଣ ଅଧିକାରୀ, ସହକାରୀ ରେଜିଷ୍ଟ୍ରୀକରଣ ଅଧିକାରୀ ବା କୌଣସି ନିର୍ବାଚକ ନାମାବଳୀର ପ୍ରସ୍ତୁତି, ପୁନରୀକ୍ଷଣ ବା ସଂଶୋଧନ ବା ସେହି ନାମାବଳୀରେ କୌଣସି ଦରଜ ଅନ୍ତର୍ଭୁକ୍ତ କରିବା କିମ୍ବା ତହିଁର ବାଦ୍‌ଦେବା ସଂକ୍ରାନ୍ତରେ କୌଣସି ପଦୀୟ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଏହି ଅଧିନିୟମ ଦ୍ୱାରା ବା ଏହା ଅନୁଯାୟୀ ଅପେକ୍ଷିତ ଅନ୍ୟ ବ୍ୟକ୍ତି ଯୁକ୍ତିଯୁକ୍ତ କାରଣ ନ ଥାଇ କୌଣସି ଅଧିନିୟମର ବା ସେପରି ପଦୀୟ କର୍ତ୍ତବ୍ୟ ଭଙ୍ଗ ସମ୍ପର୍କୀୟ କୌଣସି କୃତି ବା ଅକୃତି ଦୋଷରେ ଦୋଷୀ ହୁଅନ୍ତି ସେ ପାଞ୍ଚ ଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(2) ସେପରି କୌଣସି ଅଧିକାରୀ ବା ଅନ୍ୟ ବ୍ୟକ୍ତିଙ୍କ ବିରୁଦ୍ଧରେ ଉପରୋକ୍ତ ପ୍ରକାରର ସେପରି କୌଣସି କୃତି ବା ଅକୃତି ସଂକ୍ରାନ୍ତରେ ଲୋକସାନପାଇଁ କୌଣସି ମକଦ୍ଦମା ବା ଅନ୍ୟ ବିଧିକ କାର୍ଯ୍ୟବିଧି ଚଳିବ ନାହିଁ ।

(3) ନିର୍ବାଚନ ଆୟୋଗ ବା ସମ୍ପୃକ୍ତ ରାଜ୍ୟର ମୁଖ୍ୟ ନିର୍ବାଚକ ଅଧିକାରୀଙ୍କ ଆଦେଶକ୍ରମେ ବା ତାହାର ପ୍ରାଧିକାର ଅନୁଯାୟୀ ଏକ ଅଭିଯୋଗ କରାଯାଇ ନ ଥିଲେ, କୌଣସି ନ୍ୟାୟାଳୟ ଉପଧାରା (1) ଅନୁଯାୟୀ ଦଣ୍ଡନୀୟ କୌଣସି ଅପରାଧ ବିଚାର ନିମନ୍ତେ ଗ୍ରହଣ କରିବେ ନାହିଁ ।

## ପ୍ରଥମ ଅନୁସୂଚୀ

( ଧାରା 3 ଦ୍ରଷ୍ଟବ୍ୟ )

ଲୋକ ସଭାରେ ଆସନର ଆବଣ୍ଟନ

| ରାଜ୍ୟ/ସଂଘରାଜ୍ୟ କ୍ଷେତ୍ରର ନାମ | ଜାନୁଆରୀ ପହିଲ, 1973 ରେ ଗଠିତ ହେବା ପ୍ରକାରେ ଗୃହରେଥିବା ଆସନର ସଂଖ୍ୟା | | | ପରେ ଗଠିତ ହୋଇଥିବା ପ୍ରକାରେ ଗୃହରେ ଥିବା ଆସନର ସଂଖ୍ୟା | | |
|---|---|---|---|---|---|---|
| | ମୋଟ | ଅନୁସୂଚୀତ ଜାତିପାଇଁ ଆରକ୍ଷିତ | ଅନୁସୂଚୀତ ଜନଜାତିପାଇଁ ଆରକ୍ଷିତ | ମୋଟ | ଅନୁସଚୀତ ଜାତିପାଇଁ ଆରକ୍ଷିତ | ଅନସୂଚୀତ ଜନଜାତିପାଇଁ ଆରକ୍ଷିତ |
| (1) | (2) | (3) | (4) | (5) | (6) | (7) |
| ରାଜ୍ୟ— | | | | | | |
| 1. ଆନ୍ଧ୍ର ପ୍ରଦେଶ .. | 41 | 6 | 2 | 42 | 6 | 2 |
| 2. ଆସାମ .. | 14 | 1 | 2 | 14 | 1 | 2 |
| 3. ବିହାର .. | 53 | 7 | 5 | 54 | 8 | 5 |
| 4. ଗୁଜୁରାଟ .. | 24 | 2 | 3 | 26 | 2 | 4 |
| 5. ହରିଆଣା .. | 9 | 2 | .. | 10 | 2 | .. |
| 6. ହିମାଚଳ ପ୍ରଦେଶ .. | 4 | 1 | .. | 4 | 1 | .. |
| 7. ଜାମ୍ମୁ ଓ କାଶ୍ମୀର .. | 6 | .. | .. | 6 | .. | .. |
| 8. କର୍ଣ୍ଣାଟକ .. | 27 | 4 | .. | 28 | 4 | .. |
| 9. କେରଳ .. | 19 | 2 | .. | 20 | 2 | .. |
| 10. ମଧ୍ୟ ପ୍ରଦେଶ .. | 37 | 5 | 8 | 40 | 5 | 8 |
| 11. ମହାରାଷ୍ଟ୍ର .. | 45 | 3 | 3 | 48 | 3 | 3 |
| 12. ମଣିପୁର .. | 2 | .. | 1 | 2 | .. | 1 |
| 13. ମେଘାଳୟ .. | 2 | .. | 2 | 2 | .. | .. |
| 14. ନାଗାଲଣ୍ଡ .. | 1 | .. | .. | 1 | .. | .. |

| (1) | | (2) | (3) | (4) | (5) | (6) | (7) |
|---|---|---|---|---|---|---|---|
| 15. ଓଡ଼ିଶା | .. | 20 | 3 | 5 | 21 | 3 | 5 |
| 16. ପଞ୍ଜାବ | .. | 13 | 3 | .. | 13 | 3 | .. |
| 17. ରାଜସ୍ଥାନ | .. | 23 | 4 | 3 | 25 | 4 | 3 |
| 18. ସିକିମ | .. | .. | .. | .. | 1 | .. | .. |
| 19. ତାମିଲ୍‌ନାଡୁ | | 39 | 7 | .. | 39 | 7 | .. |
| 20. ତ୍ରିପୁରା | | 2 | .. | 1 | 2 | .. | 1 |
| 21. ଉତ୍ତର ପ୍ରଦେଶ | .. | 85 | 18 | .. | 85 | 18 | .. |
| 22. ପଶ୍ଚିମବଙ୍ଗ | .. | 40 | 8 | 2 | 42 | 8 | 2 |
| ସଂଘରାଜ୍ୟ କ୍ଷେତ୍ର— | | | | | | | |
| 1. ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ | | 1 | .. | .. | 1 | .. | .. |
| 2. ଅରୁଣାଞ୍ଚଳ ପ୍ରଦେଶ | .. | 1 | .. | 1 | 2 | .. | .. |
| 3. ଚଣ୍ଡିଗଡ଼ | .. | 1 | .. | .. | 1 | .. | .. |
| 4. ଦାଦ୍ରା ଓ ନଗର ହାବେଲି | | 1 | .. | 1 | 1 | .. | 1 |
| 5. ଦିଲ୍ଲୀ | .. | 7 | 1 | .. | 7 | 1 | .. |
| 6. ଗୋଆ, ଡ଼ାମନ ଓ ଡ଼ିଉ | | 2 | .. | .. | 2 | .. | .. |
| 7. ଲକ୍ଷାଦ୍ୱୀପ | .. | 1 | .. | 1 | 1 | .. | 1 |
| 8. ମିଜୋରାମ | | 1 | .. | 1 | 1 | .. | 1 |
| 9. ପଣ୍ଡିଚେରୀ | | 1 | .. | 1 | 1 | .. | 1 |
| ମୋଟ | .. | 522 | 77 | 41 | 542 | 78 | 38 |

## ଦ୍ୱିତୀୟ ଅନୁସୂଚୀ

( ଧାରା 7 ଓ 7-କ ଦ୍ରଷ୍ଟବ୍ୟ )

ବିଧାନ ସଭାରେ ମୋଟ ଆସନ ସଂଖ୍ୟା

| ରାଜ୍ୟ/ସଂଘରାଜ୍ୟ କ୍ଷେତ୍ରର ନାମ | ଜାନୁଆରି ପହିଲା 1997 ର ଘଟିତ ହେବା ପ୍ରକାରେ ବିଧାନ ସଭାରେ ଥିବା ଆସନ ସଂଖ୍ୟା | | | ପରେ ଗଠିତ ହୋଇଥିବା ପ୍ରକାରେ ବିଧାନ ସଭାରେ ଥିବା ଆସନ ସଂଖ୍ୟା | | |
|---|---|---|---|---|---|---|
| | ମୋଟ | ଅନୁସୂଚୀତ ଜାତିପାଇଁ ଆରକ୍ଷିତ | ଅନୁସୂଚୀତ ଜନଜାତିପାଇଁ ଆରକ୍ଷିତ | ମୋଟ | ଅନୁସୂଚୀତ ଜାତିପାଇଁ ଆରକ୍ଷିତ | ଅନୁସୂଚୀତ ଜନଜାତିପାଇଁ ଆରକ୍ଷିତ |
| (1) | (2) | (3) | (4) | (5) | (6) | (7) |
| I —ରାଜ୍ୟ— | | | | | | |
| 1. ଆନ୍ଧ୍ର ପ୍ରଦେଶ .. | 287 | 40 | 11 | 294 | 39 | 11 |
| 2. ଆସାମ .. | 114 | 8 | 10 | 126 | 8 | 16 |
| 3. ବିହାର .. | 318 | 45 | 29 | 324 | 46 | 28 |
| 4. ଗୁଜୁରାଟ .. | 168 | 11 | 22 | 182 | 12 | 25 |
| 5. ହରିଆଣା .. | 81 | 15 | .. | 90 | 17 | .. |
| 6. ହିମାଚଳ ପ୍ରଦେଶ .. | 68 | 16 | 3 | 68 | 15 | 3 |
| 7. ଜାମ୍ମୁ ଓ କାଶ୍ମୀର * .. | .. | .. | .. | .. | .. | .. |
| 8. କର୍ଣ୍ଣାଟକ .. | 216 | 29 | 2 | 224 | 29 | 2 |
| 9. କେରଳ .. | 133 | 11 | 2 | 140 | 12 | 2 |
| 10. ମଧ୍ୟ ପ୍ରଦେଶ .. | 296 | 39 | 61 | 320 | 42 | 64 |
| 11. ମହାରାଷ୍ଟ୍ର .. | 270 | 15 | 16 | 288 | 17 | 17 |
| 12. ମଣିପୁର .. | 60 | 1 | 19 | 60 | 1 | 19 |
| 13. ମେଘାଳୟ .. | 60 | .. | 50 | 60 | .. | .. |
| 14. ନାଗାଲଣ୍ଡ .. | 52 | .. | .. | 60 | .. | .. |
| 15. ଓଡ଼ିଶା .. | 140 | 22 | 34 | 147 | 22 | 34 |

| (1) | (2) | (3) | (4) | (5) | (6) | (7) |
|---|---|---|---|---|---|---|
| 16. ପଞ୍ଜାବ .. | 104 | 23 | .. | 117 | 29 | .. |
| 17. ରାଜସ୍ଥାନ .. | 184 | 31 | 21 | 200 | 32 | 24 |
| 18. ସିକିମ .. | .. | .. | .. | 32 | 1 | 1** |
| 19. ତାମିଲନାଡୁ .. | 234 | 42 | 2 | 234 | 42 | 2 |
| 20. ତ୍ରିପୁରା .. | 60 | 6 | 19 | 60 | 7 | 17 |
| 21. ଉତ୍ତର ପ୍ରଦେଶ .. | 425 | 89 | .. | 425 | 89 | 1 |
| 22. ପଶ୍ଚିମ ବଙ୍ଗ .. | 280 | 55 | 16 | 294 | 59 | 17 |
| II—ସଂଘ ରାଜ୍ୟକ୍ଷେତ୍ର— | | | | | | |
| 1. ଅରୁଣାଞ୍ଚଳ ପ୍ରଦେଶ .. | .. | .. | .. | 30 | .. | .. |
| 2. ଗୋଆ, ଡାମନ ଓ ଡିଉ .. | 30 | .. | .. | 30 | 1 | .. |
| 3. ମିଜୋରାମ .. | 30 | .. | .. | 30 | .. | .. |
| 4. ପଣ୍ଡିଚେରୀ .. | 30 | 5 | .. | 30 | 5 | .. |

* ଜାମ୍ମୁ ଓ କାଶ୍ମୀରର ସମ୍ବିଧାନ ଅନୁଯାୟୀ, ସେହି ରାଜ୍ୟର ବିଧାନସଭାର ଆସନ ସଂଖ୍ୟା, ପାକିସ୍ଥାନ ଅଧିକୃତ ରାଜ୍ୟକ୍ଷେତ୍ର ପାଇଁ ନିର୍ଦ୍ଦିଷ୍ଟ କରାଯାଇଥିବା 24 ଗୋଟି ଆସନକୁ ବାଦ୍‌ଦେଇ, 76 ଯହିଁରୁ ଜାମ୍ମୁ ଓ କାଶ୍ମୀର ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1957 ଅନୁସାରେ ଅନୁସୂଚୀତ ଜାତି ପାଇଁ 6 ଗୋଟି ଆସନ ଆରକ୍ଷିତ କରାଯାଇଛି ।

** ସଂଘ ପାଇଁ ଆରକ୍ଷିତ—

1. ଭାରତର ନିର୍ବାଚନ ଆୟୋଗଙ୍କ ଆଦେଶ ଦ୍ୱାରା ଅନ୍ତସ୍ଥାପିତ ହୋଇଛି ବୋଲି ବିବେଚିତ ହେବ, ତାହାଙ୍କ ଅଧିସୂଚନା ସଂ 731 (ଇ), 15 ନଭେମ୍ବର, 1976 ଓ 1963 ର ଅଧିନିୟମ 20 ର ଧାରା 43-ଘ ର ଉପଧାରା (2) ର ଖଣ୍ଡ (ଗ) ଦ୍ରଷ୍ଟବ୍ୟ ।

## ତୃତୀୟ ଅନୁସୂଚୀ

(ଧାରା 10 ଦ୍ରଷ୍ଟବ୍ୟ)

ବିଧାନ ପରିଷଦର ଆସନ ଆବଣ୍ଟନ

| ରାଜ୍ୟର ନାମ | ଆସନର ପୂର୍ଣ୍ଣ ସଂଖ୍ୟା | ଅନୁଚ୍ଛେଦ 171 (3) ର ଉପଖଣ୍ଡ ଅଧୀନରେ ନିର୍ବାଚିତ ବା ମନୋନୀତ ହେବା ସଂଖ୍ୟା | | | | |
|---|---|---|---|---|---|---|
| | | ଉପଖଣ୍ଡ (କ) | ଉପଖଣ୍ଡ (ଖ) | ଉପଖଣ୍ଡ (ଗ) | ଉପଖଣ୍ଡ (ଘ) | ଉପଖଣ୍ଡ (ଙ) |
| (1) | (2) | (3) | (4) | (5) | (6) | (7) |
| 1. ଆନ୍ଧ୍ର ପ୍ରଦେଶ .. | 90 | 31 | 8 | 8 | 31 | 12 |
| 2. ବିହାର .. | 96 | 34 | 8 | 8 | 34 | 12 |
| 3. ମଧ୍ୟ ପ୍ରଦେଶ .. | 90 | 31 | 8 | 8 | 31 | 12 |
| 4. ତାମିଲନାଡୁ .. | 63 | 21 | 6 | 6 | 21 | 9 |
| 5. ମହାରାଷ୍ଟ୍ର .. | 78 | 22 | 7 | 7 | 30 | 12 |
| 6. କର୍ଣ୍ଣାଟକ .. | 75 | 25 | 7 | 7 | 25 | 11 |
| 7. * * * × | | | | | | |
| 8. ଉତ୍ତର ପ୍ରଦେଶ .. | 108 | 39 | 9 | 9 | 39 | 12 |
| × * * * | | | | | | |

## ଚତୁର୍ଥ ଅନୁସୂଚୀ

[ ଧାରା 27 (2) ଦ୍ରଷ୍ଟବ୍ୟ ]

### ବିଧାନ ପରିଷଦକୁ ନିର୍ବାଚନ ପାଇଁ ସ୍ଥାନୀୟ ପ୍ରାଧିକାରୀଗଣ

ଆନ୍ଧ୍ର ପ୍ରଦେଶ

1. ମ୍ୟୁନିସିପାଲିଟିମାନ
2. ଜିଲ୍ଲା ପରିଷଦ
3. ସେନା ନିବେଶ ମଣ୍ଡଳମାନ
4. * * * *
5. ପଞ୍ଚାୟତ ସମିତିମାନ

ବିହାର

1. ମ୍ୟୁନିସିପାଲିଟିମାନ
2. ଜିଲ୍ଲା ବୋର୍ଡମାନ
3. ସେନା ନିବେଶ ମଣ୍ଡଳମାନ
4. ଅଧିସୂଚିତ ଅଞ୍ଚଳ କମିଟିମାନ
5. ଜିଲ୍ଲା ପରିଷଦମାନ
6. ପଞ୍ଚାୟତ ସମିତିମାନ

ମଧ୍ୟ ପ୍ରଦେଶ

1. ମ୍ୟୁନିସିପାଲିଟିମାନ
2. ଜନପଦ ସଭାମାନ
3. ମଣ୍ଡଳ ପଞ୍ଚାୟତମାନ
4. ସେନା ନିବେଶ ମଣ୍ଡଳମାନ
5. ଅଧିସୂଚିତ କମିଟିମାନ

ତାମିଲନାଡୁ

1. ମ୍ୟୁନିସିପାଲିଟିମାନ
2. ପଞ୍ଚାୟତ ୟୁନିୟନ ପରିଷଦମାନ
3. ସେନା ନିବେଶ ମଣ୍ଡଳମାନ
4. ତାମିଲନାଡୁ ପଞ୍ଚାୟତ ଅଧିନିୟମ, 1958 (1958 ର) ତାମିଲନାଡୁ ଅଧିନିୟମ ××× ଅନୁଯାୟୀ ଅଧିସୂଚିତ ସହର, ପଞ୍ଚାୟତ ଅର୍ଥାତ ପ୍ରାକ୍କଳିତ ଜନସଂଖ୍ୟା ପାଞ୍ଚହଜାରରୁ କମ୍ ହୋଇ ନ ଥିବା ଓ ବାର୍ଷିକ ପ୍ରାକ୍କଳିତ ଆୟ ଦଶ ହଜାରରୁ କମ୍ ହୋଇ ନଥିବା ପଞ୍ଚାୟତ ।

ମହାରାଷ୍ଟ୍ର

1. ମ୍ୟୁନିସିପାଲିଟିମାନ

2. ସେନା ନିବେଶ ମଣ୍ଡଳମାନ

3. × × ×

4. ଜିଲ୍ଲା ପରିଷଦମାନ

କର୍ଣ୍ଣାଟକ

1. ମ୍ୟୁନିସିପାଲିଟିମାନ

2. ମଣ୍ଡଳ ପଞ୍ଚାୟତମାନ

3. ସେନା ନିବେଶ ମଣ୍ଡଳମାନ

4. ଅଧିସୂଚିତ ଅଞ୍ଚଳ କମିଟିମାନ

5. ଜିଲ୍ଲା ପରିଷଦମାନ

ଉତ୍ତର ପ୍ରଦେଶ

1. ମ୍ୟୁନିସିପାଲିଟିମାନ

2. ଅନ୍ତରିତ ଜିଲ୍ଲା ପରିଷଦମାନ ସମେତ ଜିଲ୍ଲା ପରିଷଦମାନ

3. ସେନା ନିବେଶ ମଣ୍ଡଳମାନ

4. ସହରାଞ୍ଚଳ କମିଟିମାନ

5. ଅଧିସୂଚିତ ଅଞ୍ଚଳ କମିଟିମାନ

6. କ୍ଷେତ୍ର ସମିତିମାନ

## **ପଞ୍ଚମ ଅନୁସୂଚୀ**

ନିରସିତ

## **ଷଷ୍ଠ ଅନୁସୂଚୀ**

ନିରସିତ

## **ସପ୍ତମ ଅନୁସୂଚୀ**

ନିରସିତ